## ଆଜି କ'ଣ କେଉଁଠି

ସମ୍ବଲପୁର

- ମାରୱାଡି ଯୁବାମଞ୍ଚ ଓ ଶକ୍ତି ପକ୍ଷରୁ କର୍କଟ ପରୀକ୍ଷା ଶିବିର, ବସ୍ତି ମାରୱାଡି ଧର୍ମଶାଳା, ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଆଦିବାସୀ ଦଳିତ ସେନା ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ, ଅପସରା ସଭାକକ୍ଷ, ପୂର୍ବାହ୍ନ ୧୧ଟା।
- ଡିଭାଇନ କିଡ୍ସ ସମର କ୍ୟାମ୍ପ, କ୍ଷେତରାଜପୁର ବ୍ରହ୍ମକୁମାରୀ କେନ୍ଦ୍ର, ସନ୍ଧ୍ୟା ୫ଟା।

## ସଂକ୍ଷେପରେ

### ନାବାଳିକା ବଳାତ୍କାର: ଯୁବକ ଗିରଫ

ରେଢାଖୋଲ,୨୮।୫ (ଡି.ଏନ.ଏ.): ରେଢାଖୋଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ କୁସାପାଲି ଗ୍ରାମର ବିକାଶ ନାୟକ ନାମକ ଯୁବକଙ୍କୁ ଗିରଫ କରିଛି। ପୀଡିତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ପୋକ୍ସୋ ଆକ୍ଟର ଧାରା ୬ରେ ଏକ ମାମଲା (ନଂ.୧୧୧/୨୨) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

### ସ୍କୁଲ ସମ୍ମୁଖ ରାସ୍ତାରେ ହମ୍ପ୍ସ ନିର୍ମାଣ ଦାବି

ଜମନକିରା,୨୮।୫(ଡି.ଏନ.ଏ.): ଜମନକିରା ବ୍ଲକ ଟିକିବା ପଞ୍ଚାୟତ କିରମାଲୋଇ ଗ୍ରାମ ରାସ୍ତା ପାର୍ଶ୍ୱରେ ରହିଛି ପ୍ରାଥମିକ ସ୍କୁଲ। ରାସ୍ତା ଅଙ୍କାବଙ୍କା ହୋଇଥିବାରୁ ଯାନବାହନ ଚାଳକଙ୍କୁ ଠିକ୍ ଭାବେ ଦେଖାଯାଇ ନ ଥାଏ। ଏହି କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ରାସ୍ତା କଡ଼ରେ ସ୍କୁଲ ଥିବାରୁ କୁନି କୁନି ଶିଶୁମାନେ ଯା'ଆସ କରିବା ସହ ଖେଳିବାକୁ ବାହାରକୁ ବାହାରିଥାନ୍ତି। ଯାନବାହନ ଗୁଡ଼ିକ ଦ୍ରୁତ ଗତିରେ ଯିବାଆସିବା କରୁଥିବା ହେତୁ ସ୍କୁଲ ପିଲାଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ଏହି ରାସ୍ତାରେ ଶନିବାର ଏକ ଗାଡ଼ି ଧକ୍କାରେ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ରାସ୍ତାରେ ହମ୍ପସ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜାତୀୟ ଶିବିର ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧନା

କୁଚିଣ୍ଡା,୨୮।୫(ଡି.ଏନ.ଏ.): କୁଚିଣ୍ଡା କଲେଜରେ ଶୁକ୍ରବାର ଜାତୀୟ ଶିବିର ଅଂଶଗ୍ରହଣକାରୀ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାରତ ସରକାରଙ୍କ ଯୁବବ୍ୟାପାର କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ହାଇଦ୍ରାବାଦସ୍ଥିତ ଜେଏନ୍‌ଟିୟୁଏଜ ମହାବିଦ୍ୟାଳୟରେ ମେ ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ହୋଇଥିବା ଶିବିରରେ ଯୁକ୍ତ ୩ ଛାତ୍ର ସୌମ୍ୟରଞ୍ଜନ ପଟେଲ ଓ ଲିପୁନ ବଢେଇ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଦୁଇ ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ପରେ ରାଜ୍ୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ମୁଖ୍ୟ ସରିତା ପଟେଲ ଭୁବନେଶ୍ୱରଠାରେ ଟିମ୍ ଓଡ଼ିଶାକୁ ସ୍ୱାଗତ କରିଥିଲେ। ସୌମ୍ୟ ଓ ଲିପୁନଙ୍କ ନେତୃତ୍ୱ ପାଇଁ କୁଚିଣ୍ଡା କଲେଜର ସୁନାମ ବୃଦ୍ଧି ପାଇଛି। ଆଲୁମ୍ନୀ ସଦସ୍ୟ ମଳୟ ବେହେରା, ଅତିଥି ଭାବେ ଯୋଗଦେଇ ଏହି ଦୁଇ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ବେଲମତୀ କୁମୁରା ପରିଚାଳନା କରିଥିଲେ। ଅଧାପକ ଅଭିନ କିଷାନ ସ୍ୱାଗତ ଭାଷଣ ଓ ଅଧାପକ ଭିକାରୀ ଓରାମ ଧନ୍ୟବାଦ ଦେଇଥିଲେ।

### କ୍ରୀଡା ପ୍ରତିଭା ଅନ୍ୱେଷଣ ଶିବିର

ଦେବଗଡ଼,୨୮।୫(ଡି.ଏନ.ଏ): ଦେବଗଡ଼ ଇନ୍ଦିରା ଗାନ୍ଧି ଷ୍ଟାଡିୟମ ଠାରେ ଏକ ବ୍ଲକସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଅତିଥି ଭାବେ ଯୋଗଦେଇ ବ୍ଲକସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ ଶିବିରକୁ ଉଦଘାଟନ କରିଥିଲେ। ଜିଲାର ୨୦ଜଣ ଖେଳ ଶିକ୍ଷକ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନ୍ମ ତାରିଖ ଯାଞ୍ଚ କରାଯିବା ସହ ଉଚ୍ଚତା, ଓଜନ ଓ ଲମ୍ବା ଡିଆଁ କରାଯାଇଥିଲା। ଶିବିରରେ ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ କୈବଲ୍ୟ କିଶୋର କର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ, ସହକାରୀ ଜିଲାପାଳ ବନମାଳୀ ସେଠୀ, ଖେଳ ଶିକ୍ଷକ ଡିଲେଶ୍ୱର ସ୍ୱାଇଁ, ବାତ୍ସଲ୍ୟ ବିଶ୍ୱାଳ, ରଞ୍ଜିତା ମିଶ୍ର, ଜିଲା ଆଥେଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଧୀରେନ କୁମାର ନାୟକ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

# ଲୁକ୍କାୟିତ କ୍ରୀଡ଼ା ପ୍ରତିଭା ଚିହ୍ନଟ ଲାଗି ପ୍ରୟାସ

### ସୁନ୍ଦରଗଡ଼ ଜିଲାରେ 'କ୍ରୀଡ଼ା ପ୍ରତିଭା ଅନ୍ୱେଷଣ' କାର୍ଯ୍ୟକ୍ରମ ଆୟୋଜିତ

ସୁନ୍ଦରଗଡ଼, ୨୮।୫(ଡି.ଏନ.ଏ.)



ସୁନ୍ଦରଗଡ଼ରେ କ୍ରୀଡ଼ା ପ୍ରତିଭା ଚୟନ କରାଯାଉଛି।

ବିଦ୍ୟାଳୟସ୍ତରରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଓ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'କ୍ରୀଡ଼ା ପ୍ରତିଭା ଅନ୍ୱେଷଣ' କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସୁନ୍ଦରଗଡ଼ ଜିଲାର ବ୍ଲକ ଓ ପୌରାଞ୍ଚଳ ସ୍ତରରେ କ୍ରୀଡ଼ା ପ୍ରତିଭାମାନଙ୍କର ମନୋନୟନ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟା ମେ' ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ହକିର ଗଡ଼ ସୁନ୍ଦରଗଡ଼ କ୍ରୀଡ଼ା ଅଧିକ ପ୍ରୋତ୍ସାହନ ଦେଇ ଭବିଷ୍ୟତରେ ଜିଲାରୁ ଅଧିକ ସଂଖ୍ୟାରେ କ୍ରୀଡ଼ା ତାରକା ସୃଷ୍ଟି କରିବାରେ ବିଶେଷ ସହାୟକ ହେବ 'କ୍ରୀଡ଼ା ପ୍ରତିଭା ଅନ୍ୱେଷଣ' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଲାଗି ଜିଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୩,୩୫୨ ଛାତ୍ରୀଛାତ୍ର ଅନଲାଇନରେ ନାମ ପଞ୍ଜୀକରଣ କରିଥିଲେ। ଯେଉଁମାନେ ଅନଲାଇନ ପଞ୍ଜୀକରଣ କରିପାରି ନ ଥିଲେ, ସେମାନେ ଅନ ସ୍ପଟ ପଞ୍ଜୀକରଣ କରି କ୍ରୀଡ଼ା ପ୍ରତିଭା ମନୋନୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଏହି ଅବସରରେ ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ ତରାଇ କହିଛନ୍ତି, ସରକାର କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବା ସହିତ 'କ୍ରୀଡ଼ା ପ୍ରତିଭା ଅନ୍ୱେଷଣ' ଭଳି କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଲାଗି ମଧ୍ୟ ବ୍ୟାପକ ସୁଯୋଗ ଦେଉଛନ୍ତି। 'କ୍ରୀଡ଼ା ପ୍ରତିଭା ଅନ୍ୱେଷଣ' କାର୍ଯ୍ୟକ୍ରମ ଜରିଆରେ ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକ ସମେତ ରାଉରକେଲା ଓ ବୀରମିତ୍ରପୁର ପୌରାଞ୍ଚଳରେ ସେଣ୍ଟର କରାଯାଇ କ୍ରୀଡ଼ା ପ୍ରତିଭା ଚିହ୍ନଟ ପ୍ରକ୍ରିୟା ଚାଲିଥିଲା। ପ୍ରଥମେ ବାଳିକାବାଳକଙ୍କର ଡକ୍ୟୁମେଣ୍ଟ ଯାଞ୍ଚ ସହ ଉଚ୍ଚତା ଏବଂ ଓଜନ ମାପ କରାଯାଇଥିଲା। ଏହାପରେ ସେମାନଙ୍କର ୩୦ ମିଟର ଦୌଡ଼ ଓ ଷ୍ଟାଣ୍ଡିଂ ବ୍ରଡ ଜମ୍ପ ପରୀକ୍ଷା ନିଆଯାଇଥିଲା। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେଇ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ, ସେମାନଙ୍କୁ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ରଖାଯାଇ ପ୍ରଶିକ୍ଷଣ ଦିଆଯିବ। ସେଠାରେ ତୀରନ୍ଦାଜୀ, ଦୌଡ଼, ସାଇକେଲ ଚାଳନା, ବାସ୍କେଟବଲ, ଫୁଟବଲ, ଜିମ୍ନାଷ୍ଟିକ, ହକି, ଜୁଡୋ, କବାଡି, ଖୋଖୋ, ଭଲିବଲ ଏବଂ କୁସ୍ତି ଭଳି ୧୨ଟି ଶୃଙ୍ଖଳାରେ ତାଲିମ ପ୍ରଦାନ କରାଯିବ। ଫଳରେ ଛାତ୍ରୀଛାତ୍ର ନିଜକୁ ଜଣେ ଭଲ କ୍ରୀଡ଼ାବିତ ଭାବେ ଗଢ଼ିବାର ସୁଯୋଗ ପାଇବେ। ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ ତରାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେ' ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଚାଲିଥିଲା। ସୁନ୍ଦରଗଡ଼ ଓ ପାନପୋଷସ୍ଥିତ କ୍ରୀଡ଼ା ଛାତ୍ରାବାସର ପ୍ରଶିକ୍ଷକମାନେ ପ୍ରତିଦିନ ବିଭିନ୍ନ ବ୍ଲକକୁ ଗସ୍ତ କରି ଏହି କାର୍ଯ୍ୟକ୍ରମର ମନିଟରିଂ କରୁଥିଲେ। ବିଭିନ୍ନ ବ୍ଲକରେ ଥିବା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସ୍କ୍ରିନିଂ ଦାୟିତ୍ୱ ତୁଲାଇଥିଲେ।

## ବସ୍ତିବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ରାଉରକେଲା ଅଫିସ,୨୮।୫

ରାଉରକେଲା ଇସ୍ପାତ କାରଖାନା ମୋବାଇଲ୍ ମେଡିକାଲ୍ ୟୁନିଟ୍ ପକ୍ଷରୁ ସହରର ଶିଳ୍ପାଞ୍ଚଳ ବସ୍ତିବାସିନ୍ଦା ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସେକ୍ଟର-୪ ସ୍ଥିତ ଜରା ନିବାସରେ ଓ ଦ୍ୱିତୀୟ ପର୍ଯ୍ୟାୟରେ ସେକ୍ଟର-୧୫ ସ୍ଥିତ ଚିପ୍ ଟାଇପ୍ ମାର୍କେଟ ବସ୍ତିରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମେଡିସିନ୍ ବିଶେଷଜ୍ଞ ଡାକ୍ତର ସୋମାଲି କଙ୍ଗାରି, ଚର୍ମ ରୋଗ ବିଶେଷଜ୍ଞ ବର୍ଷାରାଣୀ ସାହୁ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବାୟୋକେମିଷ୍ଟ ଜୟନ୍ତୀ ମିଞ୍ଜ ଓ ଫାର୍ମାସିଷ୍ଟ ମନୀଷ ଅବଧିଆ ସହଯୋଗ କରିଥିଲେ। ମୋଟ୍ ୧୦୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପାଥୋଲୋଜିଷ୍ଟ ଡାକ୍ତର ଦିଲୀପ କୁମାର ବିଶୋଇ ଓ ମିହିର ମହାନ୍ତି ରକ୍ତ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ସିଏସ୍‌ଆର ବିଭାଗ ଓ ଆରଏସ୍‌ପିର ମେଡିକାଲ ଓ ସ୍ୱାସ୍ଥ୍ୟ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା।

## ପରିବେଶ ଦିବସ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା

### କନିଷ୍ଠରେ ରିଶିତା, ବରିଷ୍ଠ ବର୍ଗରେ ମିନତି ଶ୍ରେଷ୍ଠ

ସମ୍ବଲପୁର,୨୮।୫(ବ୍ୟୁରୋ)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପରିବେଶ ଦିବସ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କନିଷ୍ଠ ବର୍ଗରେ ରିଶିତା ପାଣିଗ୍ରାହୀ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ପ୍ରଜ୍ଞାଭାରତୀ ପଣ୍ଡା ଦ୍ୱିତୀୟ, ଶ୍ରୀୟା ତଣ୍ଡକାର ତୃତୀୟ, ସ୍ୱାଗତିକା ବେହେରା ଚତୁର୍ଥ ଓ ଆତିଫା ରିଜଭି ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ ମିନତି ସ୍ୱାଇଁ, ଲକ୍ଷ୍ମୀପ୍ରିୟା ରାଉତ, ରାଜେଶ୍ୱରୀ ଦାସ, ଶୁଭମ ସାହୁ, ଅନ୍ୱେଷା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଜୁନ ୫ତାରିଖରେ ହେବାକୁଥିବା ବିଶ୍ୱ ପରିବେଶ ଦିବସ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ କୁମାର ମିଶ୍ର ସୂଚିତ କରିଛନ୍ତି। ପରିବେଶ ଉପସମିତି ଆବାହକ ଦିଲୀପ କୁମାର ବଘାର ଧନ୍ୟବାଦ ଦେଇଥିଲେ।

## ପିଲାଙ୍କୁ ପୁନର୍ବାର ସ୍କୁଲମୁହାଁ କରିବା ଲାଗି ପ୍ରସ୍ତୁତି ଅଭିଯାନ

କୁଆଁରମୁଣ୍ଡା,୨୮।୫(ଡି.ଏନ.ଏ.)



କଚାରୁ ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବ୍ୟକ୍ତିମାନେ।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କଚାରୁ ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ଅଞ୍ଚଳରେ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ କିପରି ପୁନର୍ବାର ସ୍କୁଲମୁହାଁ କରାଯାଇପାରିବ ସେ ନେଇ ଏକ ପ୍ରସ୍ତୁତି ଅଭିଯାନ ଶନିବାର ସରପଞ୍ଚ ଝୁବା ଟପ୍ପୋଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହା ସହ ପଞ୍ଚାୟତ ଅଞ୍ଚଳରେ ଥିବା ସ୍କୁଲଗୁଡିକର ଶୈକ୍ଷିକ ଅବସ୍ଥା, ମାତୃଭାଷା ଉପରେ ପିଲାମାନଙ୍କର ଦକ୍ଷତା, ସ୍କୁଲର ସ୍ୱଚ୍ଛତା, ଛାତ୍ରୀଛାତ୍ରଙ୍କର ନିୟମିତ ଉପସ୍ଥାନ, ମଧ୍ୟାହ୍ନଭୋଜନର ମାନ ପରୀକ୍ଷା, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଶିକ୍ଷକମାନଙ୍କ ମଧ୍ୟରେ ମାସିକ ବୈଠକ ଇତ୍ୟାଦି ତଦାରଖ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଏହି ନୂତନ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ସଫଳ ହେଲେ ଛାତ୍ରୀଛାତ୍ରମାନେ ସ୍କୁଲ ପ୍ରତି ଆକର୍ଷିତ ହେବା ସହ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇପାରିବ ବୋଲି କଚାରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବାବ୍ରତ ଦାସ ବୈଠକରେ ସୂଚନା ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଚାରୁ ସମିତି ସଭ୍ୟ ଅଶ୍ୱିନୀ କେର୍କେଟା, ସିଆରସିସି ସୁରେଶ କଂସାରୀ, ସୁରେଶ ଚନ୍ଦ୍ର ନାଏକ, କଚାରୁ ହାଇସ୍କୁଲ ପ୍ରଧାନଶିକ୍ଷକ ଶିବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨୦୦ୟୁନିଟ୍ ଦେୟମୁକ୍ତ ବିଜୁଳି ଦାବି

ସମ୍ବଲପୁର,୨୮।୫(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପଲଟନଡେରା ଠାରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହାଇଯାଇଛି। ଏଥିରେ ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଯୋଗାଣ ନେଇ ବିଶେଷ ଭାବେ ଆଲୋଚନା ହୋଇଥିଲା। ବୈଠକରେ ଦଳର ଜିଲା ସଭାପତି ଲାଲମୁନି ଲୁଗୁନ, ଜିଲା ସମ୍ପାଦକ ପଦ୍ମନାଭ ମେହେର, ଜିଲା ଉପସଭାପତି ଦେଓନିଶ ଲୁଗୁନ, ରେଢାଖୋଲ ବିଧାନସଭା ଆପ ସଭାପତି ଅଜୟ କୁମାର ସାହୁ, ରେଢାଖୋଲ ବିଧାନସଭା ସମ୍ପାଦକ ଅନ୍ତର୍ଯାମୀ ପଧାନ, ଯୁଯୁମୁରା ବ୍ଲକ ସଭାପତି ଲୁଲୁ ନାଏକ, ମହିଳା ନେତ୍ରୀ ମମତା ପାତ୍ର, ମାନେଶ୍ୱର ବ୍ଲକ ସଭାନେତ୍ରୀ ଯମୁନା ମଲ୍ଲିକ, ବରିଷ୍ଠ ଆପ ନେତା ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ୨୦୦ ୟୁନିଟ ଦେୟମୁକ୍ତ ବିଜୁଳି ଯୋଗାଇବା ନେଇ ଦସ୍ତଖତ ସଂଗ୍ରହ କରାଯାଇଥିଲା।

## କଲେଜରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

ନାକଟିଦେଉଳ,୨୮।୫(ଡ଼ି.ଏନ.ଏ.): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଶନିବାର ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ ବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ଦେବେଶ ବିଶ୍ୱାଳ, ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ଲିଟିନା ପ୍ରିୟଦର୍ଶିନୀ ସାହୁ, ଗିରିଶବାଳା ନାଏକ ପ୍ରମୁଖ ଯୋଗଦେଇ ଆଚାର ବ୍ୟବହାରକୁ ମାର୍ଜିତ କରି ଏକ ସୁସ୍ଥ ସମାଜ ଗଠନରେ ନିଜକୁ କିପରି ନିୟୋଜିତ କରିପାରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଭିଡ଼ିଓ କ୍ଲିପ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ନାକଟିଦେଉଳ,୨୮।୫(ଡ଼ି.ଏନ.ଏ.)



ଜଣଙ୍କ ଘରର ଆଜବେଷ୍ଟସ୍ ଉଡିଯାଇଛି।

ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶୁକ୍ରବାର ରାତିରେ କାଳବୈଶାଖୀ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାତ୍ରି ପ୍ରାୟ ୭ଟାରେ କାଳବୈଶାଖୀ ପ୍ରାୟ ଅଧ ଘଣ୍ଟା ଧରି ତାଣ୍ଡବ ରଚିଥିଲା। ଏହାର ପ୍ରଭାବରେ ଶିମିଳିପାଳ ଗ୍ରାମର ଦେବାଧି ରାଉଳ, ଦୟାନିଧି ପ୍ରଧାନ, ରମେଶ ପ୍ରଧାନ, ପାଣ୍ଡବ ପ୍ରଦାନ, ମାର୍କଣ୍ଡ ପ୍ରଧାନ, ନକୁଳ ପ୍ରଧାନ, ଯୁଗଳ ପ୍ରଧାନଙ୍କ ଘର ଛାତର ଆଜବେଷ୍ଟସ୍ ଓ ଟାଇଲ ଉଡ଼ିଯାଇଛି। ବର୍ଷା ଯୋଗୁ ଘରେ ଥିବା ଧାନ ଚାଉଳ ସମେତ ବହୁ ଆସବାବପତ୍ର ଭିଜି ନଷ୍ଟ ହୋଇଯାଇଛି। ସିହଲିଆ ଗ୍ରାମରେ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିବାରୁ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ସେହିପରି ଚରଡ଼ପଶି ବାବା ମଠ ପରିସରରେ ଥିବା ଆମ୍ବ ଓ ପଣସ ଗଛ ଭାଙ୍ଗିଯାଇଛି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ କ୍ଷତିଗ୍ରସ୍ତ ଲୋକେ ଦାବି କରିଛନ୍ତି।

## ତୈଳିକ ବୈଶ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ

କୁଚିଣ୍ଡା,୨୮।୫(ଡି.ଏନ.ଏ.)



ମହିଳାଙ୍କ କଳସ ଶୋଭାଯାତ୍ରା।

କୁଚିଣ୍ଡା ବ୍ଲକର ଖଣ୍ଡୋକଟାଠାରେ ଶନିବାର ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡ଼ା ଓ ଦେବଗଡ ଜିଲାର ବିଭିନ୍ନ ଅଞ୍ଚଳକୁ ନେଇ ନାମିତ ବାମଣ୍ଡା, ଜୟପୁର, ଗାଙ୍ଗପୁର ଓ ବଣାଇଁ ଅଞ୍ଚଳର ସହସ୍ରାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ବାମଣ୍ଡା ଷ୍ଟେଟ କାର୍ଯ୍ୟକାରୀ ସଭାପତି ବନମାଳୀ ପୃଷେଠଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ଜୟପୁର ଷ୍ଟେଟରୁ ଭୂପାଳ ଚନ୍ଦ୍ର ବେହେରା, ବଣାଇଁରୁ ବିରଞ୍ଚି ନାରାୟଣ ସାହୁ, ଗାଙ୍ଗପୁରରୁ ହରି ଶଙ୍କର ବେହେରା,ଜୟକୃଷ୍ଣ ସାହୁ,କେନ୍ଦ୍ରୀୟ କମିଟି କାର୍ଯ୍ୟକାରୀ ସଭାପତି ଧନୁର୍ଯ୍ୟ ବେହେରା, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତୈଳିକ ସମାଜର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରବୀନ୍ଦ୍ର ବେହେରା, ଲବଣୀଧର ଦାନି, ଚକ୍ରଧର ପୃଷେଠ, ହରେକୃଷ୍ଣ ନାଏକ, ଅହିଙ୍ଗଜନ ସାହୁ, ଯଦୁମଣି ପୃଷେଠ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସକାଳେ କଳସ ଯାତ୍ରା ପରେ ଇଷ୍ଟଦେବ ଗଣେଶଙ୍କ ପୂଜାର୍ଚ୍ଚନା ହୋଇ ସମାଜର ପତାକା ଉତ୍ତୋଳନ ହୋଇଥିଲା। ପ୍ରାରମ୍ଭରେ ଇହଧାମ କରିଥିବା ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ ।

## ଋତୁସ୍ରାବ ସ୍ୱଚ୍ଛତା ଦିବସ

ସମ୍ବଲପୁର,୨୮।୫(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଧନକଉଡା ହାଇସ୍କୁଲରେ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଧନକଉଡା ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗନେଇଥିଲେ। ସିଟି ପ୍ରୋଗ୍ରାମ ମ୍ୟାନେଜର ଗୁରୁଦତ୍ତ ପୁରୋହିତ ଯୋଗଦେଇ ଛାତ୍ରୀମାନଙ୍କୁ ଋତୁସ୍ରାବ ସମୟରେ ସ୍ୱଚ୍ଛତା ରହିବା ସହ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିକାଶ ଦିଗରେ ପରାମର୍ଶ ଦେଇଥିଲେ। ସେହିପରି ଅଇଁଠାପାଲି ଗୋପାଳମାଳଠାରେ ଏହି ଦିବସ ପାଳନ କରି ପତଙ୍ଗ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜିକା ଅମିନା ବେଗମ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ କରିଥିଲେ।

## ରେଙ୍ଗାଲିରେ ଭୌତିକ ଚିକିତ୍ସା ଶିବିର

ରେଙ୍ଗାଲି,୨୮।୫(ଡି.ଏନ.ଏ.)

ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତ ବ୍ରାହ୍ମଣୀପାଲି ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନ ଏକତା ସଂଗଠନ ଓ ଗାୟତ୍ରୀ କଲେଜ ଅଫ ଫିଜିଓଥେରାପି ଆନୁକୂଲ୍ୟରେ ଶନିବାର ଭୌତିକ ଚିକିତ୍ସା ଶିବିର ହୋଇଥିଲା। କତରବଗା ସରପଞ୍ଚ ନୀଳାମ୍ବର ରୋହିଦାସ ଓ ଗାୟତ୍ରୀ କଲେଜର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଗାୟତ୍ରୀ କଲେଜ ଅଫ ଫିଜିଓଥେରାପିର ମାନସ ମିଶ୍ର ଓ ଅନ୍ୟମାନେ ୫୮ଜଣଙ୍କୁ ଚିକିତ୍ସା କରିଥିଲେ।

## ଦେବଗଡ଼ ଗସ୍ତରେ ବିଧାୟକ ସୁର ରାଉତରାୟ

ଦେବଗଡ଼,୨୮।୫(ଡି.ଏନ.ଏ):

ପିସିସି ସଭାପତି ପରିବର୍ତ୍ତନ ପରେ ରାଜ୍ୟରେ କଂଗ୍ରେସର ଶକ୍ତି ବୃଦ୍ଧି ପାଇଛି ବୋଲି ଜଟଣୀ ବିଧାୟକ ସୁର ରାଉତରାୟ ଦେବଗଡ ଗସ୍ତ ଅବସରରେ ଆସି ଗଣମାଧ୍ୟମ ସମ୍ମୁଖରେ ମତ ରଖିଛନ୍ତି। ବିଧାୟକ ସୁର ରାଉତରାୟ ଦେବଗଡରେ ପହଞ୍ଚି ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଏବଂ କଂଗ୍ରେସ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେ ଗଣମାଧ୍ୟମ ସମ୍ମୁଖରେ ନିଜର ମତ ରଖି ଉପରୋକ୍ତ ମନ୍ତବ୍ୟ ଦେବାସହ ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସର ବିଜୟ ସୁନିଶ୍ଚିତ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହା ପରେ ରାଉତରାୟ ଦେବଗଡ ସହରର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ସହ ଦୁଃଖ ସୁଖ ହୋଇ କଂଗ୍ରେସ କ୍ଷମତାକୁ ଆସିଲେ ଜିଲାର ବିକାଶ ସୁନିଶ୍ଚିତ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଜିଲା ସଦର ମହକୁମାରେ ଥିବା ଏକମାତ୍ର ହୋମିଓପାଥି ଡାକ୍ତରଖାନା ବୁଲି ଦେଖିବା ସହ ଜଣେ ହେଲେ ଡାକ୍ତର ନିଯୁକ୍ତ ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ।



କଂଗ୍ରେସ କର୍ମକର୍ତ୍ତାଙ୍କ ସହ ଜଟଣୀ ବିଧାୟକ ସୁର ରାଉତରାୟ।

# ଜନଆରୋଗ୍ୟ ସମିତି ବୈଠକ

ବଡ଼ଗାଁ, ୨୮।୫(ଡି.ଏନ୍.ଏ.)




ଜନଆରୋଗ୍ୟ ସମିତିର ବୈଠକରେ ଉପସ୍ଥିତ ଡାକ୍ତର ଓ ଜନପ୍ରତିନିଧି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଗାଁକଛାର ଓ ଜରଙ୍ଗଲୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଜନଆରୋଗ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ କ୍ଷମାନିଧି ଭୋଇ, ବଡ଼ଗାଁ ସିଏଚ୍‌ସି ଅଧିକାରୀ ଡାକ୍ତର ସାରଦା ପ୍ରସନ୍ନ ଜେନା, ଡାକ୍ତର କଲ୍ୟାଣୀ ଡନସନା, ଜିଲା ପରିଷଦ 'କ' ସଭ୍ୟ ଅମିୟ ପ୍ରଧାନ, ସରପଞ୍ଚ ରାଜେସ୍ୱରୀ କାଲୋ, ସମିତି ସଭ୍ୟ ସଂଯୁକ୍ତା ସୋରେଙ୍ଗ, ବିଜେଡି ନେତା ଅରୁଣ ଦିକ୍ଷୀତ, ଭୁବନେଶ୍ୱର ପୃଷେଟ୍, ଭେଷଜ ସୁନ୍ୟାନି ପ୍ରମୁଖ ଯୋଗଦେଇଥିଲେ। ବରଗାଁକଛାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲା ପରିଷଦ ସଭ୍ୟ ପ୍ରଧାନ ବୁଲି ଦେଖିଲା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁସ୍ମିତା ପଟେଲ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଦ୍ୟୁତ୍ ସଂଯୋଗ ପାଇଁ ଲୁହା କିମ୍ବା ସିମେଣ୍ଟ ଖମ୍ବ ନ ଲଗାଇ ବାଉଁଶରେ ତାର ଟଣାଯାଇଥିବା ଦେଖାଇବା ସହିତ ପାଣି ସମସ୍ୟା ଥିବା ଜଣାଇଥିଲେ। ଏହା ପରେ ଆୟୋଜିତ ବୈଠକରେ ଜନଆରୋଗ୍ୟ ସମିତିର ଆଭିମୁଖ୍ୟ ଉପରେ ଡାକ୍ତର ଜେନା ଓ ବିପିଏମ ଅରୁଣ କୁମାର ବେହେରା ବୁଝାଇଥିଲେ। ରୋଗୀ କଲ୍ୟାଣ ସମିତିର ନାମ ପରିବର୍ତ୍ତନ କରାଯାଇ ଜନଆରୋଗ୍ୟ ସମିତି ରଖାଯାଇଥିବା ସୂଚନା ଦେଇଥିଲେ। ରୋଗ ନ ହେବା ପାଇଁ କିପରି ସ୍ୱାସ୍ଥ୍ୟର ଯତ୍ନ ନେବେ ଓ ପ୍ରାଥମିକ ସ୍ତରରୁ ଚିକିତ୍ସା ବ୍ୟବସ୍ଥା କରି ଲୋକଙ୍କୁ ନିରୋଗ ରଖାଯାଇପାରିବ ତାହା ହିଁ ଜନ ଆରୋଗ୍ୟ ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହା ଉପରେ ବିଡିଓ ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଧାନ ସମସ୍ୟାର ସମାଧାନ ଯଥାଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଜରଙ୍ଗଲୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କଲ୍ୟାଣୀ ଡନସନା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଇଖାନା, ଟ୍ରାନ୍ସଫରମର ସ୍ଥାପନ ଓ ପାଣି ବ୍ୟବସ୍ଥା କରିବା ପାଇଁ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ସିଡିପିଓ ସୁତପା ଚୌଧୁରୀ ବାଲ୍ୟବିବାହ ରୋକିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ବୈଠକରେ ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝି, ସରପଞ୍ଚ ମେନକା କାଲୋ, ଭୀମସେନ ପଟେଲ, ପିଙ୍କୁ ସେନାପତି, ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ରଜତ ସାହୁ, ନିରୁପମା ତିର୍କୀ, ସୁପରଭାଇଜର ସୁଶାନ୍ତ ପଟେଲଙ୍କ ସହିତ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ଓ ସୁବ୍ୟବସ୍ଥା ଦେଖି ଅଧିକାରୀ ଓ ଜନପ୍ରତିନିଧିମାନେ ସନ୍ତୋଷ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଜନଆରୋଗ୍ୟ ସମିତିର ଅଧ୍ୟକ୍ଷ ଭାବେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କୁ ମନୋନିତ କରାଯାଇଛି।

**ବଜ୍ରପାତ ମୃତକଙ୍କ ପରିବାରକୁ ମିଳିଲା ସହାୟତା**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବାବୁ ଫାସଡ ପଞ୍ଚାୟତ ଅନ୍ତର୍ଗତ ଝାରବନ୍ଧଲି ଗାଁର ଗୋରୁ ଚାରାଳି ବିଜେକର ଗଡତ୍ୟା(୪୫)ଙ୍କ ଶୁକ୍ରବାର ବଜ୍ରପାତରେ ମତ୍ୟୁ ଘଟିଛି । ମୃତକଙ୍କ ପରିବାରକୁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ହରିଶ୍ଚନ୍ଦ୍ର ସହାୟତା ୨ ହଜାର ଟଙ୍କା ଶନିବାର ପ୍ରଦାନ କରିଛନ୍ତି। ସରପଞ୍ଚ ଜୟନ୍ତୀ ସେଠ ମୃତକଙ୍କ ଘରକୁ ଯାଇ ଏହି ସହାୟତା ରାଶି ଦେଇଥିଲେ।



## ସଂକ୍ଷେପରେ

### ଜମି ଉନ୍ନତୀକରଣ କାମରେ ଅନିୟମିତତା ଅଭିଯୋଗ

**ଲୋଇସିଂହା,୨୮।୫(ଡି.ଏନ.ଏ):** ଲୋଇସିଂହା ବ୍ଲକ ସରଗାଡ ପଞ୍ଚାୟତରେ ଜମି ଉନ୍ନତୀକରଣ କାମରେ ଅନିୟମିତତା ହୋଇଛି। ପଞ୍ଚାୟତର ଜିଆରଏସ୍ ପୁରୁଣା କାମର ବିଲ୍ ମସୁଧା କରୁଥିବା ଅଭିଯୋଗ ହୋଇଛି । ଠାକୁରପାଲି ଗାଁର କେତେକ ହିତାଧିକାରୀ ଗତବର୍ଷ ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନଆରଇଜିଏସ୍‌ରେ ଜମି ଉନ୍ନତୀକରଣ କରିଥିଲେ। ସେହି ଜମିକୁ ଦର୍ଶାଇ ଚଳିତ ବର୍ଷ ପୁଣି ବିଲ୍ କରାଯାଉଥିବା ଅଭିଯୋଗ କରାଯାଇଛି। ଜିଆରଏସ ସରୋଜ ସାହୁ କହିଛନ୍ତି, ଗତବର୍ଷ କାମ କରିଥିଲେ, ବିଲ ହୋଇ ନ ଥିଲା। ଏବେ ହିତାଧିକାରୀଙ୍କୁ ଟଙ୍କା ଦିଆଯାଉଛି। ସରପଞ୍ଚ ସରୋଜ ବେହେରା କହିଛନ୍ତି ଅଭିଯୋଗ ପାଇଛି। ତଦାରଖ କରି ଜଣାଇବି ବୋଲି କହିଥିଲେ। ସାଇକଟାଁ ଓ ଗାଁର କଟାଁ ଅନିୟମିତତା ଉପରେ ପଚାରିବାରୁ ଫାଇଲ ବନ୍ଦ ହୋଇଯାଇଥିବା ସେ କହିଥିଲେ।

### ଦୁର୍ଘଟଣାରେ ଗୋଳାବାରୁଦ କାରଖାନା କର୍ମଚାରୀ ମୃତ

**ସଇଁତଲା,୨୮।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବଡ଼ମାଳ ଗୋଳାବାରୁଦ କାରଖାନାର ଜଣେ କର୍ମଚାରୀଙ୍କର ଶୁକ୍ରବାର ରାତିରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଳାବାରୁଦ କାରଖାନା ଅଗ୍ନିଶମ ବିଭାଗରେ ସୁପରଭାଇଜର ଭାବେ କାର୍ଯ୍ୟରତ ଯାଜପୁର ଜିଲା ଅଞ୍ଚଳର ନନ୍ଦ କିଶୋର ଜେନା। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ସେ ଡ୍ୟୁଟି ସାରି ଫେରୁଥିବାବେଳେ କାରଖାନାସ୍ଥିତ ମୋଟର ଟ୍ରାନ୍ସପୋର୍ଟ ବିଭାଗ ନିକଟରେ ଏକ ବାର୍‌ହା ସହିତ ତାଙ୍କ ବାଇକ ଧକ୍କା ହୋଇଥିବା କୁହାଯାଉଛି। କାରଖାନାସ୍ଥିତ ଡ଼ାକ୍ତରଖାନାକୁ ତାଙ୍କୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ୨ ସରପଞ୍ଚଙ୍କ ଗାଁ ସାଥୀ ଆଇଡି ବନ୍ଦ ନିର୍ଦ୍ଦେଶ

**ଲୋଇସିଂହା,୨୮।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ଏବଂ ରତାଖଣ୍ଡି ପଞ୍ଚାୟତର ଗାଁ ସାଥୀ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ସରପଞ୍ଚଙ୍କ ପାଖରେ ଆର୍ଥିକ କ୍ଷମତା ରହିଥିବାରୁ ଗାଁ ସାଥୀ ପଦବୀରୁ ସେମାନଙ୍କୁ ହଟାଇବାକୁ ଜିଲାପଳଙ୍କ ନିକଟରେ କେତେକ ଫେରାଦ ହୋଇଥିଲେ। ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀ ଦାବି କଥା ସେମାନେ ଉଠାଇଥିଲେ। ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା ଏବଂ ରତାଖଣ୍ଡି ସରପଞ୍ଚ ହିମାଞ୍ଚଳ ମେହେରଙ୍କ ଗାଁସାଥୀ ଆଇଡିକୁ ବନ୍ଦ କରିବାକୁ ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁଙ୍କୁ ବିଡିଓ ରାମଚନ୍ଦ୍ର ଖାଡିଆ ନିର୍ଦ୍ଦେଶ ଦେଇଛନ୍ତି। ଏହା କହିଛନ୍ତି ଏପିଓ ସ୍ୱାଇଁ। ହେଲେ ଆଇଡି ବନ୍ଦ ନୁହେଁ, ୨୦୦୮ରୁ ନିଯୁକ୍ତି ମିଳିଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବରଖାସ୍ତ କରିବାକୁ ସାଧାରଣରେ ଦାବି ହେଉଛି।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ଜୁନାଗଡ,୨୮।୫(ସ୍ୱ.ପ୍ର.):** ଜୁନାଗଡ ବ୍ଲକ ହାବସପୁରର ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସାହୁଙ୍କ ସ୍ତ୍ରୀ ସୁବାସିନୀ ସାହୁ (୭୦)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ବଡ ପୁଅ ସଜିତ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଭାଜପାର ସେବା,ସୁଶାସନ ଓ ଗରିବ କଲ୍ୟାଣ ପର୍ବ

**ଜୁନାଗଡ,୨୮।୫(ଡି.ଏନ୍.ଏ):** ଜୁନାଗଡ ସହର ସଂସ୍କୃତି ଭବନଠାରେ ଶନିବାର ଭାଜପା ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମନୋଜ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ଶିଶିର ପଟ୍ଟନାୟକ,ଏମ୍‌ପି ପ୍ରତିନିଧି କାଳିନ୍ଦ୍ରୀ ପାଣିଗ୍ରାହୀ, ଚନ୍ଦ୍ରହାସ୍ୟ ବିଶ୍ୱାଳ, ସ୍ଥାନୀୟ ନଗର ସଭାପତି ଶିବରାମ ରାଉତ, ବକ୍ସିତୁଲସୀପାଲି ସରପଞ୍ଚ ଦିବ୍ୟ ଦୀପ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା । ଆଟିଗାଁ ଜୋନ ସଭାପତି ଭବାନୀ ଶଙ୍କର ଠାକୁର ମଞ୍ଚ ପରିଚାଳନା କରିଥିଲେ।

# ମଣ୍ଡିରେ ପଡ଼ିରହିଛି ୫୦ହଜାର ବସ୍ତା ଧାନ

**ନୂଆପଡ଼ା ଅଫିସ,୨୮।୫**

ନୂଆପଡ଼ା ଜିଲାରେ ଚାଷୀଙ୍କ ମଣ୍ଡି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଖରିଫ ଋତୁରେ ଯେଉଁ ପ୍ରକାର ହଇରାଣ ହୋଇ ଅଧିକାଂଶ ଚାଷୀ ଧାନ ବିକ୍ରୟ କରିବାରୁ ବଞ୍ଚିତ ହୋଇଥିଲେ। ସେହି ପ୍ରକାର ସ୍ଥିତି ରବି ଋତୁରେ ମଧ୍ୟ ଦେଖାଦେଲାଣି। କେତେବେଳେ ଟୋକନ ସମସ୍ୟା ତ କେତେବେଳେ କଟନି ଛଟନିର ଶିକାର ହେଉଛନ୍ତି ଚାଷୀ। କୁଇଣ୍ଟାଲ ପ୍ରତି ୫କିଲୋଗ୍ରାମ ଧାନ କାଟୁଥିବା ଅଭିଯୋଗ ହେଉଛି। ଚଳିତ ରବି ଋତୁରେ ଜିଲାର ୨୫ଟି କୃଷିସେବା ସମବାୟ ସମିତିରୁ ୩୫ଟି ଧାନ ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ୨୫ଟି ମିଲର୍ସଙ୍କୁ ଧାନ କିଣିବା ପାଇଁ ଦାୟୀତ୍ୱ ଦିଆଯାଇଛି। ଚଳିତବର୍ଷ ରବିଧାନ ସଂଗ୍ରହ ପାଇଁ ୩ଲକ୍ଷ ୨ହଜାର ୮୬୫ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୭୧୫ ଜଣ ଚାଷୀଙ୍କ ୩୭ ହଜାର ୨୫୬ କୁଇଣ୍ଟାଲ ୨୬ କିଲୋଗ୍ରାମ ଧାନ କ୍ରୟ କରାଯାଇଛି। ଧାନ ବିକ୍ରୟ ପାଇଁ ଜିଲାରେ ୯୯୦୪ ଚାଷୀ ପଞ୍ଜିକୃତ କରିଛନ୍ତି। ହେଲେ ମିଲର୍ସ ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଚାଷୀ ଧାନ ବିକ୍ରୟ କରି ନ ପାରି ବର୍ତ୍ତମାନ ସୁଦ୍ଧା ୪୫୧ ଜଣ ଚାଷୀଙ୍କ ୫୦ ହଜାର ୯ ଶହ ୫ ବସ୍ତା ଧାନ ମଣ୍ଡିରେ ପଡ଼ିରହିଛି। ଦିନରେ ମୁଣ୍ଡ ଫଟା ଖରା ରାତିରେ ଖୋଲା ଆକାଶ ତଳେ ଚାଷୀ ଧାନକୁ ଜଗି ରହିଛନ୍ତି। ଆକାଶରେ ମେଘୁଆ ପାଗ ଦେଖି ଚାଷୀ ଚିନ୍ତାରେ ପଡ଼ିଗଲେଣି। ସମୟ ସମୟେ ଘୂର୍ଣ୍ଣିଝଡ ହେବା ସହିତ ବର୍ଷା ହେବାର ସମ୍ଭାବନା ରହିଛି। ବେଲଟୁକୁରି ପକ୍ସରେ ୯୧୧୩ ବସ୍ତା ଧାନ ରହିଥିବା ବେଳେ କୁଲିଆବନ୍ଧା ପେକ୍ସରେ ୮୨୫, ପରକୋର୍ଡ ପାକ୍ସରେ ୨୫୩୬, ଖରିଆର ରୋଡ ପାକ୍ସରେ ୫୬୦୪, ଡୁମେରପାଣି ମଣ୍ଡିରେ ୫୭୯, ନୂଆପଡା ପାକ୍ସରେ ୩୧୭୬, ଦର୍ଲିମୁଣ୍ଡାରେ ୪୮୭, ଧରମବନ୍ଧାରେ ୨୮୦, ଚୂଲାଭାଟ ମଣ୍ଡିରେ ୧୦୩୭, ମୋଟା ନୂଆପଡା ମଣ୍ଡିରେ ୧୩୧୫, ସାରାବଙ୍ଗ ପାକ୍ସରେ ୪୩୭୬, ମୋହରା ଡିହି ମଣ୍ଡିରେ ୩୧୭୫, ଖୁଟମନଭେରା ମଣ୍ଡିରେ ୯୫୬, ଭେଲା ପାକ୍ସର ଜଡାମୁଡା ମଣ୍ଡିରେ ୨୮୩୫, ତରବୋଡ ପାକ୍ସରେ ୨୬୦୪, କାଣ୍ଡେତରା ପାକ୍ସରେ ୨୮୮, ଲଖନା ପାକ୍ସ କୁରୁମପୁରି ମଣ୍ଡିରେ ୩୭୬୮, ଖଡିଆଳ ପାକ୍ସରେ ୧୫୩୧, ଡୂଆଝର ପାକ୍ସରେ ୬୦୦, କେନ୍ଦୁପାଟି ମଣ୍ଡିରେ ୨୧୭, ଭୋଜପୁର ପାକ୍ସ ୧୩୪୦, ସିନାପାଲି ପାକ୍ସରେ ୮୭୩, କେନ୍ଦୁମୁଣ୍ଡାରେ ୧୩୦୪, ବୋଡେନରେ ୫୩୦, ଡମଝର ମଣ୍ଡିରେ ୧୫୫୬ ବସ୍ତା ଧାନ ପଡ଼ିରହିଛି । ମୋଟ ଜିଲାର ସବୁ ମଣ୍ଡିରେ ୫୦ ହଜାର ୯ ଶହ ୫ ବସ୍ତା ଧାନ ପଡ଼ିରହିଛି। ମଣ୍ଡିରୁ ଶୀଘ୍ର ଧାନ ଉଠା ନ ଗଲେ ବର୍ଷା ପାଣିରେ ଭିଜିବାର ସମ୍ଭାବନା ରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।



ମଣ୍ଡିରେ ପଡ଼ି ରହିଥିବା ଧାନ।

# ଯୁବୋଦୟରେ ଆର୍ଟସ, କ୍ରାଫ୍ଟର ତାଲିମ କାର୍ଯ୍ୟକ୍ରମ



ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି।

**ବଲାଙ୍ଗୀର ଅଫିସ, ୨୮।୫**

ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜିଠାରେ ଆର୍ଟସ ଓ କ୍ରାଫ୍ଟର ଏକ ପ୍ରଦର୍ଶନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବୋଦୟର ଛାତ୍ରୀଛାତ୍ରଙ୍କୁ ରାଜସ୍ଥାନ ଜୟପୁରଠାରୁ ଆସିଥିବା ସନ୍ନି ରାଓ ଦୁଇ ମିନିଟର କ୍ରାଫ୍ଟ କୌଶଳ ଶିକ୍ଷା ଦେଇଥିଲେ। ତାଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ କେତୋଟି କ୍ରାଫ୍ଟର ପ୍ରସ୍ତୁତି କରିଥିଲେ। ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜିର ଉପ ଅଧକ୍ଷ ଜଗମୋହନ ପାଢୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ଏ ସମ୍ବନ୍ଧରେ ଏକ ପୁସ୍ତିକା ପ୍ରଦାନ କରାଯାଇଥିଲା।

# ବଲାଙ୍ଗୀର ଜିଲାର ସ୍ଥିତି ନୈରାଶ୍ୟଜନକ

**ବଲାଙ୍ଗୀର ଅଫିସ, ୨୮।୫**

**ଜାତୀୟ ଉପଲବ୍ଧ ସର୍ବେକ୍ଷଣ-୨୦୨୧ରିପୋର୍ଟ**

ଭାରତ ସରକାରଙ୍କ ମାନବ ସମ୍ବଳ ଶିକ୍ଷା ମନ୍ତ୍ରଣାଳୟ ତରଫରୁ ସଦ୍ୟ ପ୍ରକାଶିତ ଜାତୀୟ ଉପଲବ୍ଧ ସର୍ବେକ୍ଷଣ(ନାସ୍)-୨୦୨୧ରେ ବଲାଙ୍ଗୀର ଶିକ୍ଷା ବିଭାଗର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। କିଛିଦିନ ତଳେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ନିମନ୍ତେ ଇଣ୍ଡିଆ ଟୁଡ଼େ ମ୍ୟାଗାଜିନ ତରଫରୁ ବଲାଙ୍ଗୀର ଜିଲାକୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ତେବେ ନାସ-୨୦୨୧ ରିପୋର୍ଟ ପରେ ଏହି ପୁରସ୍କାର କେଉଁ ଆଧାରରେ ଦିଆଯାଇଥିଲା ବୋଲି ପ୍ରଶ୍ନ ହେଉଛି। ୨୦୦୧-୨୦୦୨ରୁ ଆରମ୍ଭ ହୋଇଥିବା ଜାତୀୟ ଉପଲବ୍ଧ ସର୍ବେକ୍ଷଣ (ନାସ୍) ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ନୀତି ଆୟୋଗ ଓ ୟୁନିସେଫ୍‌ର ସହାୟତାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଫଳାଫଳ ନିର୍ଦ୍ଧାରିତ କରିବାରେ ସହାୟକ ହୋଇଥାଏ। ଉକ୍ତ ପରୀକ୍ଷଣକୁ ଏନସିଆର୍‌ଟିର ତତ୍ତ୍ୱାବଧାନରେ ସିବିଏସଇ ପ୍ରସ୍ତୁତ କରିଥାଏ ଏବଂ ସର୍ବଭାରତୀୟ ସ୍ତରରେ ସରକାରୀ, ବେସରକାରୀ ବିଦ୍ୟାଳୟର ତୃତୀୟ, ପଞ୍ଚମ, ଅଷ୍ଟମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ କରିଥାଏ । ସର୍ବଭାରତୀୟସ୍ତରରେ ଏହାହିଁ ସବୁଠୁ ବେଶୀ ଗୁରୁତ୍ୱପୂର୍ଣ୍ଣ ଓ ମର୍ଯ୍ୟାଦାଜନକ ସର୍ବେକ୍ଷଣ ବୋଲି କୁହାଯାଏ। ତେବେ ଏହି ସର୍ବେକ୍ଷଣ ରିପୋର୍ଟରେ ବଲାଙ୍ଗୀର ଜିଲାର ସ୍ଥାନ ନୈରାଶ୍ୟଜନକ ରହିଛି।

ଗତ ୨୦୨୧ ନଭେମ୍ବର ୧୨ରେ ଅନୁଷ୍ଠିତ ଉକ୍ତ ସର୍ବେକ୍ଷଣରେ ଓଡ଼ିଶାରୁ ୫୪୭୯ଟି ବିଦ୍ୟାଳୟର ୧ ଲକ୍ଷ ୫୮ ହଜାର ୬୧୧ ଜଣ ଛାତ୍ରୀଛାତ୍ର ଏବଂ ୨୫ ହଜାର ୧୪୩ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ । ତୃତୀୟ ଶ୍ରେଣୀର ଜାତୀୟ ଉପଲବ୍ଧ ସର୍ବେକ୍ଷଣ ଫଳାଫଳରେ ସର୍ବଭାରତୀୟ ସ୍ତରରେ ହାରାହାରି ଫଳାଫଳ ୫୯ ପ୍ରତିଶତ ଥିବାବେଳେ ଓଡିଶାସ୍ତରରେ ବଲାଙ୍ଗୀର ଜିଲାର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ସେହିପରି ପଞ୍ଚମ, ଅଷ୍ଟମ ଓ ଦଶମ ଶ୍ରେଣୀ ପରୀକ୍ଷଣରେ ମଧ୍ୟ ବଲାଙ୍ଗୀର ଜିଲାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ରାଜ୍ୟସ୍ତରରେ ବଲାଙ୍ଗୀର ଜିଲାର ସ୍ଥାନ ତାଲିକାର ତଳଆଡୁ ଚତୁର୍ଥରେ ରହିଛି। ଉପରୋକ୍ତ ଫଳାଫଳ ଅନୁସାରେ ବଲାଙ୍ଗୀର ଶିକ୍ଷା ଓ ଶିକ୍ଷଣ ନୀତିରେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବଲାଙ୍ଗୀର ଜିଲା ତୃତୀୟ ଶ୍ରେଣୀରେ ୨୬, ପଞ୍ଚମରେ ୨୫, ଅଷ୍ଟମରେ ୨୩ ଏବଂ ଦଶମ ଶ୍ରେଣୀରେ ୨୫ର୍‍ୟାଙ୍କରେ ରହିଛି। ଏହି ରିପୋର୍ଟ ଏପର୍ଯ୍ୟନ୍ତ ଆସିନାହିଁ। ରିପୋର୍ଟ ଆସିଲେ ଅନୁଧ୍ୟାନ କରାଯିବ ବୋଲି ଡିଇଓ ଧ୍ରୁବଚରଣ ବେହେରା କହିଛନ୍ତି।

# ଅବ୍ୟବସ୍ଥାରେ ଚାଲିଛି ବଲାଙ୍ଗୀର ସରକାରୀ ହୋମିଓପାଥି ଚିକିତ୍ସାଳୟ

- **ସର୍କଲ ଅଧୀନ ଚିକିତ୍ସାଳୟରେ ୧୦ଡାକ୍ତରର ପଦ ଖାଲି**
- **ପ୍ରତିକାର ଦାବି କଲା ନାଗରିକ କମିଟି**

**ବଲାଙ୍ଗୀର ଅଫିସ, ୨୮।୫**

ବଲାଙ୍ଗୀର କଲେଜ ଛକଠାରେ ଥିବା ୫୨ବର୍ଷ ପୁରୁଣା ସରକାରୀ ହୋମିଓପାଥି ଚିକିତ୍ସାଳୟ ଅବ୍ୟବସ୍ଥା ଘେରରେ ରହିଛି। ବର୍ଷକୁ ପ୍ରାୟ ୧୦ହଜାର ରୋଗୀ ଚିକିତ୍ସା ପାଇଁ ଦୂରଦୂରାନ୍ତରୁ ଏଠାକୁ ଆସୁଥିଲେ ମଧ୍ୟ ଏଠାରେ ରୋଗୀଙ୍କ ପାଇଁ କୌଣସି ସୁବିଧା ନାହିଁ। କୋଠାଘର ଜରାଜୀର୍ଣ୍ଣ ହୋଇପଡିଛି। ସେଠାରେ ଜଣେ ମାତ୍ର ଡାକ୍ତର ଅଛନ୍ତି। ବିଦ୍ୟୁତ୍ ସଂଯୋଗ ନାହିଁ। କୌଣସି ଚତୁର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି । ଅନ୍ୟପକ୍ଷରେ ବଲାଙ୍ଗୀର ଜିଲାରେ ଥିବା ୧୮ଟି ଓ ସୁବର୍ଣ୍ଣପୁର ଜିଲାରେ ଥିବା ୫ଟି ହୋମିଓପାଥି ଚିକିତ୍ସାଳୟକୁ ନେଇ ଏକ ସର୍କଲ ଅଫିସ ରହିଛି। ଏହି ସର୍କଲ ଅଫିସ ମଧ୍ୟ ଏକ ନିଛାଟିଆ ଗଳିରେ ଥିବା ଭଡାଘରେ ଚାଲୁଛି। ଏହାର ସାଇନ୍‌ବୋର୍ଡ ମଧ୍ୟ ନାହିଁ। ସର୍କଲ ଅଧୀନରେ ମୋଟ ୨୩ ଡାକ୍ତର ପଦବୀରୁ ୧୦ପଦବୀ ଖାଲି ରହିଛି। ବଲାଙ୍ଗୀର ନାଗରିକ କମିଟି ସଭାପତି ବେଲାରସିଂ ଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ସହସାଧାରଣ ସମ୍ପାଦକ ଡା.ଚକ୍ରପାଣି ଦାଶ, ଧର୍ମବ୍ରତ ରଥଙ୍କ ଏକ ପ୍ରତିନିଧି ଦଳ କଲେଜ ଛକ ହୋମିଓପାଥି ଚିକିତ୍ସାଳୟର ଡାକ୍ତର ଅଶୋକ କୁମାର ସେଠୀଙ୍କୁ ସାକ୍ଷାତ୍ କରି ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଡାକ୍ତରଙ୍କ ପ୍ରଚେଷ୍ଟାରେ ବର୍ତ୍ତମାନ ଥିବା ଚିକିତ୍ସାଳୟର ଜମି, ୩ହଜାର ବର୍ଗ ଫୁଟ୍ ବିଶିଷ୍ଟ ଏକ ପାର୍କ ମଧ୍ୟ ପ୍ରସ୍ତୁତ ହୋଇଛି। ଯେଉଁଥିରେ ରୋଗୀମାନଙ୍କ ପାଇଁ ଅତ୍ୟାଧୁନିକ ବିଶ୍ରାମାଗାର, ପରିଶ୍ରାଗାର ସହ ସର୍କଲ ଅଫିସ ତିଆରି ହୋଇପାରିବ। ଏ ସମ୍ବନ୍ଧରେ କମିଟି ପକ୍ଷରୁ ରାଜ୍ୟ ନିର୍ଦ୍ଦେଶାଳୟ(ଆୟୁଷ) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ବଲାଙ୍ଗୀର ଜିଲାର ସମସ୍ତ ବିଧାୟକଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଛି।

# ଦିନରେ ହଁ, ସନ୍ଧ୍ୟାରେ ନାଁ



ବେସରକାରୀ ଗାଡ଼ିରେ ନିଆଯାଉଛି ମୃତଦେହ ।

**ବେସରକାରୀ ଗାଡ଼ିରେ ନେଲେ ମୃତଦେହ**

**ଭବାନୀପାଟଣା,୨୮।୫(ସ୍ୱ.ପ୍ର.)**

ରାଜ୍ୟ ସରକାର ମୃତଦେହକୁ ନେବା ପାଇଁ ମହାପ୍ରୟାଣ ଗାଡିର ବ୍ୟବସ୍ଥା କରିଛନ୍ତି। ହେଲେ ଏହା ସୂର୍ଯ୍ୟାସ୍ତ ପରେ ଯାଉ ନ ଥିବାରୁ ଅନେକେ ବାଧ ହୋଇ ଅଧିକ ଭଡା ଦେଇ ବାହାରୁ ବେସରକାରୀ ଗାଡିରେ ମୃତଦେହକୁ ଘରକୁ ନେଉଥିବା ଅଭିଯୋଗ ହୋଇଛି। କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁବରଣ କରିଥିବା ଜଣେ ଶିଶୁଙ୍କ ପରିବାର ଲୋକେ ଏହି ଅଭିଯୋଗ ଆଣିଛନ୍ତି ।

ରକ୍ତହୀନତା ରୋଗରେ ପୀଡିତ ହୋଇ ଜୁନାଗଡ ବ୍ଲକ ଭଇଁରୀଗୁଡାର ୪ ବର୍ଷର ଝିଅ କୌଶଲ୍ୟା ସୁନାନୀଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ସନ୍ଧ୍ୟାରେ ମୃତ୍ୟୁ ହୋଇଥିଲା । ମୃତ ଶିଶୁଙ୍କ ମା' ଶାନ୍ତି ଓ ବାପା ରାମ ସୁନାନୀ ଗରିବ ଶ୍ରେଣୀର ହୋଇଥିବା ବେଳେ ମୃତଦେହ ନେବା ପାଇଁ ମହାପ୍ରୟାଣ ଗାଡି ବ୍ୟବସ୍ଥା କରିବାକୁ କହିଥିଲେ। ହେଲେ ସନ୍ଧ୍ୟା ପରେ ମହାପ୍ରୟାଣ ଗାଡି ଯିବ ନାହିଁ ବୋଲି କର୍ମଚାରୀ କହିବାରୁ ବାଧ ହୋଇ ସେ ଏକ ବେସରକାରୀ ଗାଡି ଭଡା କରି ମୃତଦେହ ଘରକୁ ନେଇଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କସ୍ତୁରୀ ମିଶ୍ରଙ୍କୁ ପଚାରିବାରେ ସୂର୍ଯ୍ୟାସ୍ତ ପରେ ମହାପ୍ରୟାଣ ଗାଡି ଯିବ ନାହିଁ ବୋଲି ସରକାରୀ ନିୟମ ରହିଥିବା କହିଥିଲେ । ସରକାରଙ୍କ ଏହି ନିୟମ ଅନୁଯାୟୀ କେବଳ ଦିନବେଳା ମୃତ୍ୟୁବରଣ କରୁଥିବା ଲୋକଙ୍କ ପାଇଁ ମହାପ୍ରୟାଣ ଗାଡି ଥିବା ବେଳେ ସୂର୍ଯ୍ୟାସ୍ତ ପରେ ଏହି ଗାଡି ମିଳୁନାହିଁ। ଯାହାକୁ ନେଇ ଏହି ଯୋଜନାର କାର୍ଯ୍ୟକାରିତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଗଞ୍ଜେଇ ଚୋରା ଚାଲାଣ, ୧୦ ଗିରଫ

**ଭବାନୀପାଟଣା,୨୮।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୟପାଟଣା ପୋଲିସ ଚୋରା ଚାଲାଣ ବେଳେ ୪୨୭କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ୧୦ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଗତ ଏନଏସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜଣେ କାଉନସିଲର ପ୍ରାର୍ଥୀ ଥିଲେ । ଗୁରୁବାର ବିଳମ୍ବିତ ରାତିରେ ମୁଖୀଗୁଡା-ମହୁଲପାଟଣା ଘାଟିରେ ପୋଲିସ ପାଟ୍ରୋଲିଂ ବେଳେ ଏକ ମହିନ୍ଦ୍ରା ପିକଅପ୍ (ନଂ ଓଡି ୦୮ଏଲ-୬୨୨୬)କୁ ପିଛା କରିଥିଲେ। ଏହି ଗାଡିକୁ ଏକ ବୋଲେରୋ (ନଂଓଡି ୩୩ଏଏ -୨୦୨୭) ଏବଂ ଏକ ମୋଟର ସାଇକେଲ (ନଂ ଓଡି ୮ଜି- ୪୧୧୮) ପହରା ଦେଇ ସୁରକ୍ଷା ଦେଉଥିଲା। ପୋଲିସ ଜୟପାଟଣା ବ୍ଲକର ପ୍ରତାପପୁର ନିକଟରେ ଉକ୍ତ ପିକ୍‌ଅପ୍‌କୁ ଅଟକାଇ ଯାଞ୍ଚ କଲା ବେଳେ ସେଥିରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ଜଣାପଡିଥିଲା । ଏହି ଗାଡିରେ ଥିବା ୪୨୭କେଜି ଗଞ୍ଜେଇ ସହ ବୋଲେରୋ ଓ ଜବତ କରାଯାଇଛି। ଚୋରା ଚାଲାଣରେ ସମ୍ପୃକ୍ତ କୋକସରା ଥାନା ଟେଣ୍ଡାପାଲି ଗ୍ରାମର ଗିକେଧର ଗନ୍ତିଆ, ଦିବାକର ମାଝି, କୃଷ୍ଣ ବିଶି, ଦାବରିଗୁଡାର ଶୋଭା ମାଝି, ମାଝୀଗୁଡାର ଦୟାସାଗାର ପୋଡ଼, ରିପୁ ପୁଞ୍ଜି, ଜୟପାଟଣା ଥାନା ଉଛଳାର ଶଙ୍କର ଧଙ୍ଗଡାମାଝି, ସାଗର ପାଣିଗ୍ରାହୀ, ବିଜମରା ଗ୍ରାମର ପିଙ୍କୁ ରାଉତ, ଜୁନାଗଡ଼ର ରାଜେନ୍ଦ୍ର ଦଣ୍ଡସେନାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୫ଟି ମୋବାଇଲ ଏବଂ ନଗଦ ୧୧,୫୬୦ ଟଙ୍କା ଜବତ କରାଯାଇଛି। ଆନ୍ଧ୍ରପ୍ରଦେଶର ବଲ୍ଲାକାଠୁ ଠାରୁ ଏହି ଗଞ୍ଜେଇ କୋକସରା ଅଞ୍ଚଳକୁ ଅଣା ଯାଉଥିଲା ବୋଲି ଜୟପାଟଣା ଥାନା ଅଧିକାରୀ ବସୁଦେବ ଛାତ୍ରୀଆ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ରାଜେନ୍ଦ୍ର ଗତ ନିର୍ବାଚନରେ ଜୁନାଗଡ ଏନଏସି ୩ ନଂ ୱାର୍ଡ଼ରୁ କାଉନସିଲର ପ୍ରାର୍ଥୀ ହୋଇଥିଲେ।



ଅଭିଯୁକ୍ତଙ୍କ ସହ ପୋଲିସ କର୍ମଚାରୀ ।

- **୪ କୁଇଣ୍ଟାଲ ୨୭ କେଜି ଗଞ୍ଜେଇ ଜବତ**
- **ଅଭିଯୁକ୍ତଙ୍କ ମଧ୍ୟରେ ଜଣେ କାଉନସିଲର ପ୍ରାର୍ଥୀ**

# ବ୍ଲକ ସରପଞ୍ଚ ସଂଘ ବୈଠକ

**ଦେଓଗାଁ, ୨୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସରପଞ୍ଚ ସଂଘର ଏକ ବୈଠକ ବଡବାହାଲ ହାଇସ୍କୁଲ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତସ୍ତରୀୟ ସମସ୍ୟାଗୁଡିକର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ସରପଞ୍ଚମାନେ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ମତ ରଖିଥିଲେ । ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ବଡବନ୍ଧର ଜଗବନ୍ଧୁ ମେହେର, କୁତୁର୍ଲା ତେଜ ହରପାଲ, ସିଙ୍ଗାମୁଣ୍ଡା ଜାହ୍ନବୀ ମାହାଣା, ସାଲେପାଲି ବଲ୍ଲଭି ସାହୁ, ଦେଷଣ୍ଡ ଯଶୋଦା ମେହେର, ରାମଚନ୍ଦ୍ରପୁର ପଦ୍ମିନୀ ମିଶ୍ର,ବଡବାହାଲ ଜୀବନୀ ଦାଶ, ଅର୍ଜୁନପୁର ଗୀତା ଜଗଦଲା, ଲଣ୍ଡାପଥର ଦେବାନ୍ତି କ୍ଷେତି, ଧଣ୍ଡାମାଲ ସଞ୍ଜୁ ଶିକା, ଉଡାର ପଞ୍ଚମୀ ଦିପ, ଜରାସିଂହା କୁଶ ମେହେର, ଗାଇବାହାଲ ତ୍ରିଲୋଚନ ନାଗ, ଉପରଝରର ଜାନକୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୃଦ୍ଧା ପରିବା ବିକାଳିଙ୍କୁ ଥାନାକୁ ଡାକି ମାଡ଼ ମାରିବା ଅଭିଯୋଗ

**ଭବାନୀପାଟଣା,୨୮।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନାର ଜଣେ ମହିଳା ପୋଲିସ ଏସ୍‌ଆଇ ସ୍ଥାନୀୟ ଅଞ୍ଚଳର ଜଣେ ବୃଦ୍ଧା ପରିବା ବିକାଳିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ବୃଦ୍ଧା ଜଣକ ଶନିବାର ସନ୍ଧ୍ୟାରେ ଟାଉନ ଥାନା ଭାରପ୍ରାପ୍ତ ଥାନାଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ,ଭବାନୀପାଟଣା ବାହାଦୂରବଗିଚାପଡାର ଫୁଲମତୀ ଖୁରାନା(୭୫) ଦୀର୍ଘ ବର୍ଷ ଧରି ପୌରପାଳିକାର ନିର୍ଦ୍ଦେଶ କ୍ରମେ ଦୈନିକ ହାଟ କଡରେ ପରିବା ବିକ୍ରି କରି ଜୀବିକା ନିର୍ବାହ କରିଥାନ୍ତି। ମଙ୍ଗଳବାର ଅପରାହ୍ନରେ ଜଣେ ପୋଲିସ କନଷ୍ଟେବଲ ତାଙ୍କ ଦୋକାନ ସାମନାରେ ଗାଡି ରଖି ଅଯଥାରେ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ। ଏହାସହ ଥାନାକୁ ଡକାଇ ମାଡ ମାରିବାକୁ ଧମକ ଦେଇଥିଲେ। ସେତେବେଳେ କନଷ୍ଟେବଲ ଜଣକ ବିନା ଡ୍ରେସ କୋଡରେ ଥିବାରୁ ସମ୍ପୃକ୍ତ ବୃଦ୍ଧା ତମେ କିଏ ବୋଲି ପଚାରିବାରୁ ସେ ପିସିଆର ଗାଡି ନେଇ ଆସୁଛି ବୋଲି କହିଥିଲେ। ଶୁକ୍ରବାର ଦିନ ପିସିଆର ଗାଡିରେ ୪-୫ ଜଣ ପୋଲିସ ଆସି ବୃଦ୍ଧାଙ୍କୁ ଥାନାକୁ ନେଇ ଗାଳିଗୁଲଜ କରିଥିଲେ। ପରେ ଜଣେ ମହିଳା ପୋଲିସ ଏସଆଇ ବୃଦ୍ଧାଙ୍କ ଗାଲକୁ ଚାପୁଡା ମାରିଥିଲେ। ଏପରି କି ଆଖି ଅସ୍ତ୍ରୋପଚାର କରିଥିବା କହିଥିଲେ ହେଁ ସମ୍ପୃକ୍ତ ଏସ୍‌ଆଇ ଶୁଣି ନ ଥିଲେ। ମାଡ ମାରିବା ଯୋଗୁ ତାଙ୍କ ଆଖିରୁ ପାଣି ଝରୁଛି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏଥିସହ ଅଭିଯୋଗର ଏକକିତା ନକଲ ସେ କଳାହାଣ୍ଡି ଏସ୍‌ପି,ଏସ୍‌ସି ଫେଡେରେଶନକୁ ଦେଇଥିବା ଜଣାପଡିଛି।

# ବରିଷ୍ଠ ନାଗରିକ ମଞ୍ଚର ଉଦ୍‌ବେଗ

**ବଲାଙ୍ଗୀର ଅଫିସ, ୨୮।୫**

- **ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା**
- **ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ**

କାର୍ଯ୍ୟକାରିଣୀ ବୈଠକ ନିଷ୍ପତ୍ତି ଆଧାରରେ ବଲାଙ୍ଗୀର ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକର୍ତ୍ତା ଓ ସଭ୍ୟମାନେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ପାର୍ବତୀ ମୋହନ ପରିଡାଙ୍କୁ ଭେଟିଥିଲେ। ବଲାଙ୍ଗୀର ସହରର ପାନୀୟ ଜଳସଙ୍କଟ ସଦସ୍ୟା ଏବଂ ଏହାର ସୁପରିଚାଳନା ନିମନ୍ତେ ଆଲୋଚନା କରିଥିଲେ। ସହରତଳି ଅଞ୍ଚଳରେ ପାନୀୟ ଜଳଯୋଗାଣରେ ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଠିକ୍ ସମୟରେ ପାଇପ ପାଣି ଯୋଗାଣ, ଉଚ୍ଚ ଓଭରହେଡ ଟାଙ୍କି ଥାଇ ମଧ୍ୟ ନିକଟରେ ଥିବା ଅଞ୍ଚଳକୁ ସୁରଖୁର ପାଣି ଯୋଗାଣ କରିବାକୁ ନିର୍ବାହୀ ଯନ୍ତ୍ରୀ ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବରିଷ୍ଠ ନାଗରିକ ମଞ୍ଚର ଆଉ ଏକ ପ୍ରତିନିଧି ମଣ୍ଡଳୀ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି ବିଦ୍ୟୁତ କାଟ୍ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଫ୍ୟୁଜକଲ୍ ସେଣ୍ଟରରେ ଫୋନକଲ ଗ୍ରହଣ ହେଉ ନ ଥିବା କଥାକୁ ମଧ୍ୟ ତାଙ୍କ ଦୃଷ୍ଟି ଗୋଚରକୁ ଅଣାଯାଇଥିଲା । ସହରରେ ଥିବା ଅନେକ ଟ୍ରାନ୍ସଫରମର ଓ ସବ୍‌ଷ୍ଟେଶନଗୁଡିକ ଖୋଲା ରହିଥିବା ଯୋଗୁଁ ଦୁର୍ଘଟଣା ଆଶଙ୍କା ରହିଥିବା କୁହାଯାଇଥିଲା । ଏଦିଗରେ ପଦକ୍ଷେପ ନିଆଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମଞ୍ଚ କାର୍ଯ୍ୟକର୍ତ୍ତା କହିଛନ୍ତି। ପ୍ରତିନିଧି ମଣ୍ଡଳୀରେ ମଞ୍ଚ ସଭାପତି ପ୍ରଭାକର ମିଶ୍ର, ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, କୋଷାଧକ୍ଷ ନରେନ୍ଦ୍ର କବାଟ, ଉପସଭାପତି ବିରଞ୍ଚି ହୋତା, ଅତିରିକ୍ତ ସାଧାରଣ ସମ୍ପାଦକ ସୁନୀଲ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ବୃନ୍ଦେନ୍ଦ୍ର ବେହେରା, ଅଫିସ ସମ୍ପାଦକ ଅଶୋକ ଚାନ୍ଦ, ସାଙ୍ଗଠନିକ ସମ୍ପାଦକ ବିନୟ ମିଶ୍ର, ନାରାୟଣ ପାଢୀ, ମଳିଆ ଗଡୁଆ, ପୂର୍ଣ୍ଣଚନ୍ଦ୍ର ମେହେର ସାମିଲ ଥିଲେ ।



ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ବରିଷ୍ଠ ନାଗରିକ ମଞ୍ଚ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି ।

## ବାଇକ୍ ଦୁର୍ଘଟଣା, ଯୁବକ ମୃତ

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଲଛିପୁର ଫାଣ୍ଡି ଅନ୍ତର୍ଗତ ସିଆଳି ଛକରେ ଏକ ଶନିବାର ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବିନିକା ବ୍ଲକ ମହଦା ଗ୍ରାମର ପୀତବାସ ନାଏକ(୩୨)ଙ୍କ ମୃତ୍ୟୁ ଘଟିଛି। ବାଇକରେ ଥିବା ପୀତବାସଙ୍କ ସାଙ୍ଗ ପୌଲସ୍ତି ବାଘ(୨୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଉଭୟେବାଇକ(ନଂ.ଓଡି-୧୭ଏଚ୍-୦୭୫୬)ରେ ମହଦାରୁ ସିଆଳି ଛକକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଆକ୍ରମଣ, ମାସକ ପରେ ଫେରାର ସ୍ୱାମୀ ଗିରଫ

ଡୁଙ୍ଗୁରିପାଲ,୨୮।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଏଫସିଆଇରେ କାମ କରୁଥିବା ଜଣେ କର୍ମଚାରୀ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରି ଫେରାର ହୋଇଯାଇଥିଲେ। ଡୁଙ୍ଗୁରିପାଲି ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ସୁରେନ୍ଦ୍ର ସ୍ୱାଇଁ (୪୨)ଙ୍କୁ ଜେଲ ହଜାତକୁ ପଠାଇ ଦିଆଯାଇଥିବା ଡୁଙ୍ଗୁରିପାଲି ଥାନାଧିକାରୀ ଭାନୁଶଙ୍କର ଯାଦବ କହିଛନ୍ତି। ସୂଚନା ମୁତାବକ, ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅତାଡିରିଣୀ ଗ୍ରାମର ସୁରେନ୍ଦ୍ର କୁମାର ତା୧୩।୨।୨୦୦୮ରିଖରେ ଗୀତାଞ୍ଜଳି ସ୍ୱାଇଁଙ୍କୁ ବିବାହ କରିଥିଲେ। ଉଭୟେ ଡୁଙ୍ଗୁରିପାଲି ଅମରିପଡାର ଏକ ଭଡାଘରେ ଝିଅ ସହ ରହୁଥିଲେ। ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ କଳିକଜିଆ ହେଉଥିଲା। ତେବେ ଗତ ତା ୨୮।୪।୨୨ରିଖ ବିଳମ୍ବିତ ରାତିରେ ଭଡା ଘରେ ଶୋଇଥିବା ସମୟରେ କୌଣସି କାରଣକୁ ନେଇ ଏକ ଟାଙ୍ଗିଆରେ ଗୀତାଞ୍ଜଳିଙ୍କୁ ଆକ୍ରମଣ କରିଥିଲେ ସୁରେନ୍ଦ୍ର। ତାଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଥିଲା। ପରେ ସେଠାରୁ ସେ ଖସି ପଳାଇ ଯାଇଥିଲେ। ଘର ମାଲିକ ଗୁରୁତର ଅବସ୍ଥାରେ ଗୀତାଞ୍ଜଳିଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଲୋକଲଜ୍ଜା ଓ କାଳେ ସ୍ୱାମୀ ଭୁଲ ଭାବି ଫେରି ଆସିବେ ଆଶା କରି ଗୀତାଞ୍ଜଳି ଥାନାରେ ଅଭିଯୋଗ କରି ନ ଥିଲେ। ହେଲେ ମେ ୧ତାରିଖ ଯାଏ ସ୍ୱାମୀ ଘରକୁ ନ ଫେରିବାରୁ ତା୧୧।୫।୨୨ରିଖରେ ନେଇ ଲିଖିତ ଅଭିଯୋଗ କରି ଶଶୁର ଘରକୁ ଝିଅକୁ ନେଇ ପଳାଇ ଆସିଥିଲେ ଗୀତାଞ୍ଜଳି। ଡୁଙ୍ଗୁରିପାଲି ଥାନାରେ ଏକ ମାମଲା (୪୫/୨୨)ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଶୁକ୍ରବାର ସୁରେନ୍ଦ୍ର ଆମରିପଡାସ୍ଥିତ ଭଡାଘରେ ଆସି ରହୁଥିବା ଖବର ପୋଲିସକୁ ମିଳିଥିଲା। ଥାନାଧିକାରୀ ଯାଦବ ଓ ଟିମ ସୁରେନ୍ଦ୍ରଙ୍କୁ ସେଠାରୁ ଗିରଫ କରିଥିଲେ।

### ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ

ଅମ୍ବାଭୋନା,୨୮।୫(ଡି.ଏନ.ଏ.): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହା ଅଧୀନ ସମସ୍ତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ମୁଖ୍ୟ ଡାକ୍ତର ଟେମରାମ ଦେହେରିଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଶନିବାର ପାଳିତ ହୋଇଛି। କଣ୍ଡପଲା ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକ ବୈଷ୍ଣବ ଚରଣ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁଦାମ ଚରଣ ପାଣିଗ୍ରାହୀ ଯୋଗଦେଇ କିଶୋରୀ ଅବସ୍ଥାରେ ହେଉଥିବା ଶାରୀରିକ ପରିବର୍ତ୍ତନ ତଥା ମାସିକ ଋତୁସ୍ରାବ ସମ୍ପର୍କରେ ବୁଝାଇଥିଲେ। ଋତୁସ୍ରାବ ସମୟରେ ବ୍ୟକ୍ତିଗତ ପରିଚ୍ଛନ୍ନତା ଓ ସାନିଟାରୀ ନାପକିନ (ଖୁସି) ର ବ୍ୟବହାର ଉପରେ ସେ ଆଲୋକପାତ କରିଥିଲେ। ସୁପରଭାଇଜର ଗୋବିନ୍ଦ ପ୍ରଧାନ, ବିଡିଏମ୍ ମେଘନାଦ ପ୍ରଧାନ, ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରେମାଞ୍ଜଳି ନନ୍ଦ, ଜୟ ପ୍ରକାଶ ମହାପାତ୍ର, ଆଶା କର୍ମୀ ମୀରା କୁମାରୀ ନାଏକ, ସୁଲୋଚନା ରାଉତ, ଶିକ୍ଷୟିତ୍ରୀ ସନ୍ଧ୍ୟା ନାଏକ, କୌଶଲ୍ୟା ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଗା ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

ତରଭା,୨୮।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ସହରସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପରିସରରେ ନବ ନିର୍ମିତ ଦୁର୍ଗା ମନ୍ଦିରର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ଶନିବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଯାଇଛି। ସହରର ଜଗନ୍ନାଥ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିରରୁ ପ୍ରତିଷ୍ଠା ପାଇଁ ଆଜ୍ଞାମାଳ ଆସିବା ପରେ ବନଯାଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁର୍ଗା ମନ୍ଦିରର ରତ୍ନମୁଦ ପଡ଼ିବା ପରେ ସନ୍ଧ୍ୟାରେ ମହିଳାମାନେ ବଡବନ୍ଧରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମନ୍ଦିର ସମ୍ମୁଖ ଯଜ୍ଞ ମଣ୍ଡରେ ହୋମଯଜ୍ଞ କରାଯାଇଥିଲା। ଶୁକ୍ରବାର ଧ୍ୱଜା ସ୍ଥାପନ, ସିଂହାସନ ପ୍ରତିଷ୍ଠା ଏବଂ ମନ୍ଦିରରେ ବିଗ୍ରହ ସ୍ଥାପନ କରାଯାଇଥିଲା। କର୍ତ୍ତାଭାବେ ସଞ୍ଜୟ ଅଗ୍ରୱାଲ ଓ ତାଙ୍କ ପତ୍ନୀ ଶାରଦା ଅଗ୍ରୱାଲ କାର୍ଯ୍ୟ ତୁଲାଇଥିଲେ। ଏହି ଉପଲକ୍ଷେ ତରଭା ନାରାୟଣ ମୁରଲୀ କଲ୍ୟାଣ ମଣ୍ଡପରେ ସାତଦିନ ଧରି ପ୍ରବଚନ ହୋଇଥିଲା। ମନ୍ଦିର କମିଟିର ସନ୍ତୋଷ ସାହୁ, ସଂଶିତ ସାହୁ, ଗୁଞ୍ଜୁରୁ ଗୁରୁ, ଶଙ୍କର ସାହୁ, ଗୋପାଳ ଅଗ୍ରୱାଲ, ବିକ୍ରମ ନାଏକ ସହଯୋଗ କରିଥିଲେ।

# ସମବାୟ ନିର୍ବାଚନ ପାଇଁ ରାଜନୀତି ସରଗରମ

**ସୁବର୍ଣ୍ଣପୁର ଜିଲା**
- ଆଜିଠୁ ଆରମ୍ଭ ହେଲା ନାମାଙ୍କନ
- ୧୭୭ଟି ସମବାୟ ସମିତିରେ ହେବ ନିର୍ବାଚନ

ସୋନପୁର,୨୮।୫(ନି.ପ୍ର.)

ସମବାୟ ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଜୁନ୍ ୧୯ ଓ ୨୬ରେ ମତଦାନ ହେବ। ବିଜ୍ଞପ୍ତି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପାଇଁ ୨୮ତାରିଖ ଶନିବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ତିନିଦିନ ଧରି ଚାଲିବ। ସୁବର୍ଣ୍ଣପୁର ଜିଲାର ମୋଟ ୧୭୭ଟି ସମବାୟ ସମିତିରେ ନିର୍ବାଚନ ହେବ। ଏଥିପାଇଁ ଜିଲାର ରାଜନୀତି ସରଗରମ ହେଲାଣି। ପ୍ରଥମ ପର୍ଯ୍ୟାୟରେ ସୋସାଇଟି ନିର୍ବାଚନ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ହେବାକୁ ଥିବା କେନ୍ଦ୍ରୀୟ ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡିକରେ ଦଳୀୟ ମନୋନୀତ ପ୍ରାର୍ଥୀମାନେ ଯେଭଳି ନିର୍ବାଚିତ ହେବେ ସେ ନେଇ ପ୍ରମୁଖ ରାଜନୈତିକ ଦଳଗୁଡିକ ଗୋଟି ଚାଳନା ଆରମ୍ଭ କରିଛନ୍ତି।

ଜିଲାର ୬୬ଟି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ), ୬୩ଟି ପ୍ରାଥମିକ ବୁଣାକାର ସହଯୋଗ ସମବାୟ ସମିତି(ଡବ୍ଲୁସିଏସ), ୨ଟି ହାଉସ ବିଲଡିଂ ସୋସାଇଟି, ୨ଟି ରେଶମ ସମବାୟ ସମିତି, ୨ଟି କର୍ମଚାରୀ ସମବାୟ ସମିତି, ୩୪ଟି ଦୁଗ୍ଧ ସମବାୟ ସମିତି, ୪ଟି ମଲ୍ଟି ପରପଜ ସମବାୟ ସମିତି ଓ ୬ଟି ଶିଳ୍ପ ସମବାୟ ସମିତିରେ ନିର୍ବାଚନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁନ୍ ୧୯ରେ ୩୩ଟି ପାକ୍ସ, ଗୋଟିଏ ଗୃହ ନିର୍ମାଣ ସମବାୟ ସମିତି, ଗୋଟିଏ କର୍ମଚାରୀ ସମବାୟ ସମିତି, ୧୬ଟି ବୁଣାକାର ସମବାୟ ସମିତି ଓ ୧୭ଟି ଦୁଗ୍ଧ ସମବାୟ ସମିତିରେ ନିର୍ବାଚନ ହେବ। ପ୍ରତି ସମବାୟ ସମିତିରୁ ୧୫ ଜଣ ନିର୍ଦ୍ଦେଶକ ନିର୍ବାଚିତ ହେବେ। ପରବର୍ତ୍ତୀ ସମୟରେ ସମିତିରୁ ଜଣେ ସଭାପତି ଓ ଜଣେ ଉପସଭାପତି ନିର୍ବାଚିତ ହେବାର କାର୍ଯ୍ୟସୂଚୀ ରହିଛି। ସମବାୟ ନିର୍ବାଚନ ରାଜନୈତିକ ଦୃଷ୍ଟି କୋଣରୁ ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ ସମିତିଗୁଡିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଶାସକ ଦଳ ଏହି ନିର୍ବାଚନରେ ସଫଳତା ହାସଲ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି। ତେବେ ବିରୋଧି ଭାଜପା ଓ କଂଗ୍ରେସ ଏହି ନିର୍ବାଚନ ପାଇଁ ସେତେଟା ଗୁରୁତ୍ୱ ନ ଦେବେ ଶାସକ ଦଳକୁ ଫାଇଦା ଦେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

## ଚାଷଜମିରେ ନଡ଼ା ପୋଡ଼ିବା ବେଳେ ଜଳିଗଲା ଟ୍ରାକ୍ଟର


ଜଳୁଥିବା ଟ୍ରାକ୍ଟର।

ସରଣ୍ଡା,୨୮।୫(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଷ୍ଟେଶନପଡାରେ ଜମିରେ ହଳ କରୁଥିବା ବେଳେ ଟ୍ରାକ୍ଟରରେ ନିଆଁ ଲାଗି ପୋଡି ଯାଇଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସୂଚନା ଅନୁସାରେ, ଶନିବାର ଷ୍ଟେଶନପଡାର ୱା. ପାପାରାଓ ନାମକ ଜଣେ ଚାଷୀ ନିଜ ଜମିରେ ଥିବା ନଡ଼ାକୁ ନଷ୍ଟ କରିବା ପାଇଁ ନିଆଁ ଲଗାଇଥିଲେ। ତେବେ ଏହି ସମୟରେ ସେ ଉକ୍ତ ଜମିରେ ଟ୍ରାକ୍ଟର (ନଂ.ଓଡି୧୭ଟି/୭୨୭୭) ଯୋଗେ ହଳ କରୁଥିବା ବେଳେ ଗାଡି ପଛରେ ନିଆଁ ଲାଗିଯାଇଥିଲା। ଫଳରେ ଟ୍ରାକ୍ଟରର ପଛପଟ ପୋଡିନଷ୍ଟ ହୋଇଥିଲା। ସେହିଜମି ପାଖରେ ଥିବା ବାଇକ୍ ସର୍ଭିସିଂ ସେଣ୍ଟରରୁ ପ୍ରେସର ପାଣି ଆଣି ଜଳନ୍ତା ଟ୍ରାକ୍ଟରରେ ପକାଯାଇଥିଲା। ଖବର ପାଇ ଅତାବିରା ଅଗ୍ନିଶମ ବିଭାଗ ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଦମକଳ ବାହିନୀ ଆସି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ।

# ମିଲର୍ସଙ୍କ ମର୍ଜିରେ ଧାନ ସଂଗ୍ରହ

ବରଗଡ଼ ଅଫିସ୍/ଅମ୍ବାଭୋନା,୨୮।୫

ବରଗଡ଼ ଜିଲାରେ ରବି ଧାନ କିଣାବିକା ସମସ୍ୟା ଅସମାହିତ ହୋଇପଡ଼ିଛି। ମଣ୍ଡିକୁ ବିକ୍ରି ପାଇଁ ଚାଷୀମାନେ ଧାନ ଆଣୁଥିଲେ ସୁଦ୍ଧା ବିଭିନ୍ନ ଆଳ ଦେଖାଇ ତାକୁ ଉଠାଯାଉ ନ ଥିବା ଅଭିଯୋଗ ହୋଇଛି। ମଣ୍ଡିରେ ଧାନ ଉଠାଇବା ବ୍ୟତୀତ ମିଲର୍ସଙ୍କ କୌଣସି ଭୂମିକା ନାହିଁ। ମିଲର୍ସଙ୍କ ଏଜେଣ୍ଟମାନେ ସେଠାରେ ଉପସ୍ଥିତ ରହିବା ସହିତ ବିଭାଗୀୟ କର୍ମଚାରୀଙ୍କୁ ହାତ କରି କଟନୀଛଟନୀ କରିବା ଏବଂ ସେଥିରେ ଚାଷୀ ରାଜି ନ ହେଲେ ସମ୍ପୃକ୍ତ ଚାଷୀଙ୍କ ଧାନ ଉଠାଉ ନାହାନ୍ତି। ସେହିପରି କେତେକ ମିଲର୍ସ ନିର୍ଦ୍ଧାରିତ ମଣ୍ଡିକୁ ମଧ୍ୟ ଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ଧାନ ବିକ୍ରି କରି ନ ପାରି ଚାଷୀଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ସାମିଲ କରାଯାଇଛି । ମାତ୍ର କେତେକ ଏସ୍ଏଚ୍‌ଜି ଧାନ କିଣାବିକାରେ ଅନିୟମିତତା କରୁଛନ୍ତି। ଏଭଳି ଅଭିଯୋଗ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଶନିବାର ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବରଗଡ଼ ବ୍ଲକ ଦେଓଗାଁ ମଣ୍ଡିରେ ଚାଷୀମାନେ ଧାନ ଗଦା କରିଛନ୍ତି। ମାତ୍ର ଏଠାରୁ ଧାନ ଉଠାଇବା ପାଇଁ ଯେଉଁ କେତେକ ମିଲର୍ସଙ୍କୁ ଅନୁମତି ମିଳିଛି, ସେମାନଙ୍କ ମଧ୍ୟରୁ କେତେକଙ୍କ ରାଇସ ମିଲ ଦୂରରେ ରହିଥିବାରୁ ସେମାନେ ଆସୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଦେଓଗାଁ ନିକଟବର୍ତ୍ତୀ ମିଲର୍ସଙ୍କୁ ଧାନ କିଣିବାର ସୁଯୋଗ ଦେବାକୁ ସେମାନେ ଦାବି କରିଛନ୍ତି। ଏହି ଦାବି ନେଇ ଗ୍ରାମର ଜଗଦାନନ୍ଦ ପଣ୍ଡା, ପୌଲସ୍ତି ପ୍ରଧାନ, କୃଷ୍ଣ ପୁଟେଲ ପ୍ରମୁଖ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଅନ୍ୟପଟେ ଭେଡ଼େନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ଭଳି କେତେକ ମଣ୍ଡିରେ ମିଲର୍ସଙ୍କ ଏଜେଣ୍ଟମାନେ କଟନୀଛଟନୀ କରୁଛନ୍ତି। ଏଭଳି ଅଭିଯୋଗ ପାଇ ଶୁକ୍ରବାର ଜିଲାପାଳ ବାନାର୍ଜୀ ଅଚାନକ ସେଠାକୁ ଗସ୍ତ କରିଥିଲେ ଏବଂ ସେଠାରେ ବିଭାଗୀୟ କର୍ମଚାରୀଙ୍କୁ ତାଗିଦ୍ କରିଥିବା ସୂଚନା ମିଳିଛି।

ସେହିପରି ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କପାଶିରା ପଞ୍ଚାୟତର ଚାଷୀମାନେ ଧାନବିକ୍ରି ସମସ୍ୟାରେ ଛନ୍ଦି ହୋଇଛନ୍ତି। ଏଠାରେ ଏକ ଏସ୍ଏଚ୍‌ଜିକୁ ଧାନ କିଣାବିକା ଦାୟିତ୍ୱ ଦିଆଯାଇଛି। ମାତ୍ର ସମ୍ପୃକ୍ତ ଏସ୍ଏଚ୍‌ଜି ରାଜନୈତିକ ମତଭେଦ ରଖି ଧାନ କିଣାବିକାରେ ଅନିୟମିତତା କରୁଥିବା ଅଭିଯୋଗ ହୋଇଛି। ଯେଉଁ ଚାଷୀମାନେ କମ୍ ଜମିରେ ଧାନଚାଷ କରିଛନ୍ତି, ସେମାନଙ୍କୁ ଅଧିକ ଧାନ ବିକ୍ରି କରିବାର ସୁଯୋଗ ଦିଆଯାଉଛି। ଅନେକ ଚାଷୀଙ୍କୁ ଧାନ ବିକ୍ରିରୁ ଜାଣିଶୁଣି ବଞ୍ଚିତ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିକି ମଣ୍ଡରେ ଓଜନ କରା ନ ଯାଇ ସିଧାସଳଖ ବିଭିନ୍ନ ରାଇସ୍ ମିଲକୁ ଧାନ ପଠାଯାଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ହୃଷିକେଶ ପ୍ରଧାନ, ଅନିଲ କୁମାର ପ୍ରଧାନ ପ୍ରମୁଖ ଚାଷୀ ଦାବି କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ।


ଜିଲାପାଳଙ୍କୁ ଫେରାଦ ହୋଇଥିବା କପାଶିରା ପଞ୍ଚାୟତର ଚାଷୀବୃନ୍ଦ।

**ଏସ୍ଏଚ୍‌ଜି ବିରୋଧରେ ବିକ୍ଷୋଦ୍‌ଗାର**

## ବିଦେଶୀ ମଦ ଦୋକାନରୁ ଚୋରି

ବୌଦ୍ଧ,୨୮।୫(ସ୍ୱ.ପ୍ର.)

ଶୁକ୍ରବାର ରାତିରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକଠାରେ ଥିବା ଏକ ବିଦେଶୀ ମଦ ଦୋକାନରୁ ଚୋରି ହୋଇଯାଇଛି। ଚୋରମାନେ କୁଶଙ୍ଗ ପୂର୍ତ୍ତ ରାସ୍ତାର ଅବକାରୀ କାର୍ଯ୍ୟାଳୟ ନିକଟରେ ଥିବା ଏହି ମଦ ଦେକାନର ଗ୍ରୀଲ କାଟି ପାଖାପାଖି ୬ ଲକ୍ଷ ଟଙ୍କା ଓ ବିଦେଶୀ ମଦ ଚୋରି କରି ନେଇଛନ୍ତି । ପ୍ରମାଣ ନଷ୍ଟ କରିବା ପାଇଁ ଦୋକାନରେ ଲାଗିଥିବା ସିସି ଟିଭିଙ୍କୁ ଭାଙ୍ଗି ଦେଇଛନ୍ତି। ଶନିବାର ସକାଳେ ଦୋକାନ ଖୋଲିବାକୁ କର୍ମଚାରୀମାନେ ଆସି ଦୋକାନ ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଦୋକାନ କର୍ମଚାରୀ ପୁରୁଣାକଟକ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ମଦ ଦୋକାନ ପୁରୁଣାକଟକ ଥାନା ଠାରୁ ଅଳ୍ପ ଦୂରତାରେ ଥିବା ବେଳେ ଚୋରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରି ଚୋରି କରିଥିବା ଜଣାପଡିଛି। ବୌଦ୍ଧ ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଘଟଣାସ୍ଥଳକୁ ଯାଇଥିବା ବେଳେ ପୁରୁଣାକଟକ ପୋଲିସ ପକ୍ଷରୁ ତଦନ୍ତ ଚାଲିଛି।

## ଅତାବିରା ପଞ୍ଚାୟତ ସମିତି ବୈଠକ

ଜାମଟିକ୍ରା,୨୮।୫(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ସଭାଗୃହରେ ଶନିବାର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ବିଶ୍ୱନାଥ ସାହୁ, ଏବିଡ଼ିଓ ଗିରିନ୍ଦ୍ର ସାହୁ, ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର, ଜିଲା ପରିଷଦ ସଭ୍ୟ ସୁଦାମ ଜାଲ, ରଞ୍ଜିତ ସାହୁ, ଶମ୍ଭୁ ସେଠଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଏବଂ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ପାନୀୟଜଳ, ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନ, ଅମୃତ ସରୋବର ଯୋଜନା, ଜଳଶକ୍ତି ଅଭିଯାନ ଆଦି ଯୋଜନା ଉପରେ ଆଲୋଚନା ହୋଇଥିଲା। ଏବିଡ଼ିଓ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ବରଗଡ଼ ଏମ୍‌ପି ପ୍ରତିନିଧି ସୁନନ୍ଦା ମେହେର ବୈଠକକୁ ଆସି ଏମ୍‌ପିଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌ରେ ବସିଥିବାବେଳେ ତାଙ୍କୁ ସେହି ସିଟ୍‌ରୁ ଉଠାଇ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ସେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

## ଅଗ୍ନିକାଣ୍ଡ: ହୋଟେଲ ଜଳିଗଲା

ବରଗଡ଼ ଅଫିସ୍,୨୮।୫

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଛକରେ ଥିବା ଏକ ସାଉଥ ଇଣ୍ଡିଆନ ହୋଟେଲରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ହୋଟେଲ ଛାରଖାର୍ ହୋଇ ଯାଇଛି। ହୋଟେଲରେ ରହିଥିବା ଏସି, କୁଲର ଆଦି ଆସବାବପତ୍ର ପୋଡ଼ି ନଷ୍ଟ ହୋଇ ଯାଇଛି। ହୋଟେଲରେ ବିସ୍ଫୋରଣ ହୋଇଥିବାରୁ ଥିବା ଗ୍ୟାସ୍ ଟାଙ୍କି ଫାଟି ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ବରଗଡ଼ ଦମକଳ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଯୁବନେତାଙ୍କ ପରଲୋକ

ସୋହେଲା,୨୮।୫(ଡି.ଏନ.ଏ.)

ବରଗଡ଼ ଜିଲା ସୋହେଲା ଅଞ୍ଚଳର ଜଣାଶୁଣା ଯୁବନେତା ଯଶୋବନ୍ତ ଭୋଇଙ୍କ ଶନିବାର ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ତାଙ୍କୁ ୪୫ବର୍ଷ ବୟସ ହୋଇଥିଲା। ଶୁକ୍ରବାର ସୋହେଲାରେ ହୋଇଥିବା ଚାଷୀ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିବା ଯଶୋବନ୍ତ ପୋଲିସ ଦ୍ୱାରା ଗିରଫ ହୋଇ ବ୍ୟକ୍ତିଗତ ମୁଚାଲିକାରେ ଆସିଥିଲେ। ସେ ଯୁବ କଂଗ୍ରେସର ଭଟଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ସଭାପତି ଥିଲେ। ଏହାସହ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଡାକ୍ତର ଶିଶିର ସାହୁ, ଚାଷୀନେତା ମନ ମାଝି, ସତ୍ୟନାରାୟଣ ଦେବତା, ଖବରଦାତା ସତ୍ୟଜିତ ପଧାନ, ଅଶ୍ୱିନୀ ପାତ୍ର, ଚାଷୀନେତା ହର ବଣିଆ, କଳାକାର ସଂଘ ସମ୍ପାଦକ କିଶୋର ଗଡ଼ତିଆ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପ୍ରଫୁଲ୍ଲ, ସୁବ୍ରତ ସରପଞ୍ଚ ନିର୍ବାଚିତ


ପ୍ରଫୁଲ୍ଲ ନାଏକ।


ସୁବ୍ରତ ବାଗ।

ବରଗଡ଼ ଅଫିସ୍,୨୮।୫

ବରଗଡ଼ ଜିଲା ବରଗଡ଼ ବ୍ଲକ୍‌ର ଗୋବିନ୍ଦପୁର ଏବଂ ଭଟଲି ବ୍ଲକ୍‌ର କେଲେଣ୍ଡାପାଲି ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ ଫଳ ପ୍ରକାଶ ପାଇଛି। ଗୋବିନ୍ଦପୁର ପଞ୍ଚାୟତରେ ପ୍ରଫୁଲ୍ଲ ନାଏକ ୮୨୧ ଭୋଟ୍ ବ୍ୟବଧାନରେ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ପ୍ରଫୁଲ୍ଲଙ୍କୁ ୧୦୫୫ ଭୋଟ୍ ମିଳିଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିପେଶ ପ୍ରଧାନଙ୍କ ସପକ୍ଷରେ ୧୦୩୪ ଖଣ୍ଡ ଭୋଟ୍ ପଡ଼ିଛି। ସେହିପରି କେଲେଣ୍ଡାପାଲି ପଞ୍ଚାୟତରେ ସୁବ୍ରତ ବାଗ ୮୫୦ ଖଣ୍ଡ ଭୋଟ୍ ବ୍ୟବଧାନରେ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ସୁବ୍ରତଙ୍କ ସପକ୍ଷରେ ୨୫୧୫ ଭୋଟ୍ ପଡ଼ିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୌଶଲ୍ୟା ବାଗଙ୍କୁ ୧୬୬୫ ଭୋଟ୍ ମିଳିଛି।

## ଶୁଖା ପାକ୍ସରେ ସମବାୟ ଋଣ ଅସୁଲି ମେଳା

ଡୁଙ୍ଗୁରିପାଲ,୨୮।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବିଡିସିସି ବ୍ୟାଙ୍କ ଶାଖା ତରଫରୁ ଶୁଖା ପାକ୍ସଠାରେ ଚାଷୀମାନଙ୍କୁ ନେଇ ସମବାୟ ଋଣ ଅସୁଲି ମେଳା ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଡୁଙ୍ଗୁରିପାଲି ବିଡ଼ିସିସି ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ସୁନିତା ସାହୁ, ବଲାଙ୍ଗୀର ମୁଖ୍ୟ କାର୍ଯାଳୟ ଏବିଏମ ମୁକେଶ ନାଏକ, ବଲାଙ୍ଗୀର ଋଣ ଅସୁଲି ବିଭାଗୀୟ ଅଧିକାରୀ ସରୋଜ କାନ୍ତ ପୁରୋହିତ ପ୍ରମୁଖ ଋଣ ଅସୁଲି ମେଳାରେ ଯୋଗ ଦେଇଥିଲେ। ବିଭିନ୍ନ ଯୋଜନାରେ ନେଇଥିବା ଋଣ ଅସୁଲି କରାଯାଇଥିଲା। ମେଳାକୁ ସୁପରଭାଇଜର ଗୋବର୍ଦ୍ଧନ ତ୍ରିପାଠୀ, କ୍ୟାଶିୟର ସଚ୍ଚିଦାନନ୍ଦ ନାଏକ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଡ ଗୋପାଳ ସାହୁ, ପ୍ରିୟବ୍ରତ ବହିଦାର, ବିଭୁଦତ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ପାରା ଧରିବାକୁ ଯାଇ ଜୀବନ ଗଲା

**ମୃତକଙ୍କ ସ୍ତ୍ରୀ ଆଣିଲେ ହତ୍ୟା ଅଭିଯୋଗ**

ତରଭା,୨୮।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭାଠାରୁ ୫କିଲୋମିଟର ଦୂର ଝାରତରଭା ପଞ୍ଚାୟତ ଠକପାଲି ଗାଁ ନିକଟ ଏକ ବ୍ରିଜରୁ ଖସିପଡି ଶନିବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଠକପାଲି ଗ୍ରାମର ପାରା ଧରାଳି କିରଟି କୁଅଁର(୫୦)। ଗ୍ରାମର ଟଙ୍କଧର ହାତୀ ଏବଂ ଅଜିତ ବାଘଙ୍କ ସହ ମିଶି ସେ ବ୍ରିଜ ତଳେ ବସା ବାନ୍ଧିଥିବା ପାରା ଧରିବା ପାଇଁ ଯାଇଥିଲେ। ପାରା ଧରୁଥିବା ସମୟରେ କିରଟି ବ୍ରିଜ ତଳକୁ ଖସି ପଡିଥିବା ସାଥୀରେ ଯାଇଥିବା ଟଙ୍କଧର ଓ ଅଜିତ କହିଛନ୍ତି। ହେଲେ ତାଙ୍କ ସ୍ୱାମୀଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ମୃତକଙ୍କ ସ୍ତ୍ରୀ କଲ୍ୟାଣୀ କୁଅଁର ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ତରଭା ଥାନାରେ ଦଫା ୩୦୨, ୩୪ ଆଇପିସିରେ ଏକ ମାମଲା(୧୩୦/୨୨) ରୁଜୁ ହୋଇଛି। ରାତି ହୋଇ ଯାଇଥିବାରୁ ମୃତଦେହ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ। ଘଟଣାସ୍ଥଳରୁ ଗୋଟି ମୃତ ପାରା ଜବତ କରାଯାଇଥିବା ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ କହିଛନ୍ତି। ଘଟଣା ସଂକ୍ରାନ୍ତରେ ଟଙ୍କଧର ଓ ଅଜିତଙ୍କୁ ପୋଲିସ ପଚରାଉଚରା କରୁଛି।

## ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ

ବୌଦ୍ଧ,୨୮।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମ ପଞ୍ଚାୟତର ତାଳପଦରଠାରେ ଶନିବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଛି । ମିଳିଥିବା ସୂଚନା ମୁତାବକ, ପୂର୍ବାହ୍ନ ୧୦ଟା ସମୟରେ ଗ୍ରାମର ଉମେଶ ନାଏକଙ୍କ ଘରେ ବିଦ୍ୟୁତ୍ ଶଟସର୍କିଟ ଯୋଗୁ ନିଆଁ ଲାଗି ଯାଇଥିଲା । ଅଗ୍ନିକାଣ୍ଡରେ ତାଙ୍କର ୩ ବଖରା ଓ ଘରକରଣା ଆସବାବପତ୍ର ପୋଡି ଯାଇଛି। ଗ୍ରାମବାସୀ ଓ ହରଭଙ୍ଗା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି। ଲୁଣିବାହଲ ପଞ୍ଚାୟତ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ଚୁଡ଼ା, ଚାଉଳ ପ୍ରଦାନ କରାଯାଇଛି। ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଦମକଳବାହିନୀ ଓ ଗ୍ରାମବାସୀ ନିଆଁ ଲିଭାଉଛନ୍ତି।

# ଦିନବେଳା ପ୍ରବଳ ଖରା, ସନ୍ଧ୍ୟାରେ ଝଡ଼ତୋଫାନ

ବିନିକା,୨୮।୫(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ଗତ ୪ଦିନ ହେଲା ଭିନ୍ନ ପ୍ରକାରର ପାଣିପାଗ ଦେଖିବାକୁ ମିଳୁଛି। ଦିନବେଳା ପ୍ରବଳ ଖରା ଅନୁଭୂତ ହେଉଛି। ସନ୍ଧ୍ୟା ହେଲେ ଝଡତୋଫାନ ସହ ବର୍ଷା ହେଉଛି। ବର୍ତ୍ତମାନ ରବିଧାନ ଅମଳ ଯୋରସୋରରେ ଚାଲିଛି। ଏପରିସ୍ଥଳେ ଚାଷୀ ଅମଳ ନେଇ ସମସ୍ୟାରେ ପଡିଛି। ମିଲର୍ସମାନେ ଆଦ୍ରତା ଥିବା ଧାନ ସଂଗ୍ରହ କରିବାକୁ ମନା କରୁଥିବାବେଳେ କାଳବୈଶାଖୀ ଜନିତ ବର୍ଷାରେ ଭିଜିଥିବା ଧାନକୁ ଚାଷୀ କିଭଳି ବିକ୍ରି କରି ସେହି ଚିନ୍ତାରେ ପଡିଛି। ଏଥିସହିତ ଖେତରେ ଥିବା ପାଚିଲା ଧାନ ପବନ ମାଡରେ ଖେତରେ ଶୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ଝଡତୋଫାନରେ ବହୁ ଲୋକଙ୍କ ଆଜବେଷ୍ଟସ ଛାତ ଉଡିଯାଇଛି। ଧାନଫସଲ, ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ବିଶାଳପାଲି ଛକର ତିନୋଟି ବିଶାଳକାୟ ବୃକ୍ଷ ଭାଙ୍ଗି ପଡିବା ଯୋଗୁଁ ୨ଘଣ୍ଟା ଧର ବିନିକା-ସୋନପୁର ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗ ରାସ୍ତାରେ ପଡିଥିବା ଗଛକାଟି ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସେହିପରି ସିନ୍ଧୁରପୁର, ବାବୁପାଲି ଏବଂ ବାଙ୍କିଘିର୍ତି ପଞ୍ଚାୟତରେ କାଳବୈଶାଖୀ ପ୍ରଭାବରେ କ୍ଷୟକ୍ଷତି ଘଟିଥିବା ଖବର ମିଳିଛି। ଏନେଇ ବିନିକା କୃଷି କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକମାନଙ୍କୁ ଯୋଗାଯୋଗ କର କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ କରିବାକୁ କୁହାଯାଇଛି।


ପଲସାପାଲି ଗାଁର ଜଣେ ବ୍ୟକ୍ତିଙ୍କ ଘର ଆଜବେଷ୍ଟସ ଭାଙ୍ଗିଯାଇଛି।